THE SUNDAY SECTION OF NITIDIN



ଶର୍ବରୀଙ୍କ ଭାଗ୍ୟ

ନିତିଦିନ NITIDIN

# ନଜର

୧୬ ପୃଷ୍ଠା

ମନୋରଞ୍ଜନ ■ ରବିବାର ମ୍ୟାଗାଜିନ୍ ରବିବାର, ୨୦ ଏପ୍ରିଲ,୨୦୨୫

# ନାଟୁଆଙ୍କ ନାଟ



ମାଲିକ ଓ
କଳାକାରଙ୍କ କଳି ଓ
ମନମାନୀ, କଳା ସଂସ୍କୃତି ପ୍ରତି ଉପେକ୍ଷା,
ଦୁଃସ୍ଥ କଳାକାରଙ୍କ ଦୁଃଖ, ଅପସଂସ୍କୃତିର ଅଧିକ
ପ୍ରଚାର ପ୍ରସାର, ବିନା ଟିକସରେ କାରବାର, ଇଣ୍ଡଷ୍ଟ୍ରୀ
ମାନ୍ୟତାକୁ ଅଣଦେଖା...ଏମିତି ଅନେକ
କଥା...ଯାତ୍ରାର ବ୍ୟାଥା
ହୋଇ ରହିଛି ।

# କଲିକତା ପ୍ରତ୍ୟାବର୍ତ୍ତନ : ବେଲୁଡ଼ ମଠର ପ୍ରତିଷ୍ଠା

୩୪

■ ମନୋଜ କୁମାର ମହାପାତ୍ର

## ବୃଷଭ ଚିହ୍ନିଲା ଶିବଙ୍କୁ

ସ୍ୱାମିଜୀ କଲିକତାକୁ ପ୍ରତ୍ୟାବର୍ତ୍ତନ କଲେ । ଶରୀର ଅସୁସ୍ଥ । ସ୍ୱରୂପକୁ ଚିହ୍ନି ସାରିଛନ୍ତି । ଆଉ ତାଙ୍କୁ କିଏ ରଖିବ ଏହି ଧରାପୃଷ୍ଠରେ । ଗୁରୁଭାଇ, ସନ୍ନ୍ୟାସୀ, ଗୃହୀଭକ୍ତ ଓ ବ୍ରହ୍ମଚାରୀଗଣ ସ୍ୱାମିଜୀଙ୍କର ଭଗ୍ନ ଶରୀର ଦେଖି ଚିନ୍ତିତ ହେଲେ । ଇତ୍ୟବସରେ ବେଲୁଡ଼କୁ ମଠ ସ୍ଥାନାନ୍ତରିତ ହେଲା । ଶ୍ରୀ ରାମକୃଷ୍ଣଙ୍କ ପ୍ରତିମା ବେଲୁଡ଼ ମଠରେ ପ୍ରତିଷ୍ଠା କରାଗଲା । ସ୍ୱାମିଜୀ ମଠରେ ଅବସ୍ଥାନ କରିବା ସମୟରେ ମାଆ ଶ୍ରୀ ସାରଦା ନୂତନ ବେଲୁଡ଼ ମଠ ପରିଦର୍ଶନ କଲେ । ତାଙ୍କ ପାଦପଦ୍ମରେ ପ୍ରଣିପାତ କରି ନିଜକୁ ସେ ସଂପୂର୍ଣ୍ଣ ଭାବେ ନିୟୋଜିତ କଲେ । ମାଆ ସାରଦା ଶକ୍ତିରୂପିଣୀ ଜଗଜ୍ଜନନୀ । ଅବଜ୍ଞା ତାଙ୍କୁ କରିବ କିଏ ? ଶ୍ରୀ ରାମକୃଷ୍ଣଙ୍କର ଅଙ୍ଗ । ଚଳନ୍ତି ପ୍ରତିମା । ଶିବଙ୍କର ଚିରନମସ୍ୟ । ସ୍ୱାମିଜୀ ମାଆଙ୍କ ବିଷୟରେ କହିଥିଲେ, 'ମାଆ ଠାକୁରାଣୀ କି ବସ୍ତୁ ବୁଝିହୁଏନି, ବର୍ତ୍ତମାନ କେହି ବୁଝିପାରିବେ ନାହିଁ, କ୍ରମେ ବୁଝିବେ । ଭାଇ, ଶକ୍ତି ବିନା ଜଗତର ଉଦ୍ଧାର ହେବ ନାହିଁ । ଆମ ଭାରତବର୍ଷର ସମସ୍ତେ ଅଧମ କାହିଁକି ? ଶକ୍ତିହୀନ କାହିଁକି ? ଶକ୍ତିର ଅବମାନନା ପାଇଁ । ମାଆ ଠାକୁରାଣୀ ଭାରତର ପୁନର୍ବାର ସେହି ମହାଶକ୍ତିକୁ ଜାଗ୍ରତ କରିବା ପାଇଁ ଆସିଛନ୍ତି । ତାଙ୍କୁ ଅବଲମ୍ବନ କରି ପୁନର୍ବାର ଜଗତରେ ଗାର୍ଗି, ମୈତ୍ରେୟୀଙ୍କ ଭଳି ବୈଦିକ ଋଷିକାଗଣ ଜନ୍ମଗ୍ରହଣ କରିବେ । ଦେଖୁଛ ଭାଇ - କ୍ରମେ ସବୁ ବୁଝିବ । ଏଇଥି ପାଇଁ ମଠ ନିତ୍ୟାନ୍ତ ଆବଶ୍ୟକ । ରାମକୃଷ୍ଣ ପରମହଂସ ବରଂ ଯାଇଛନ୍ତି, ଯାଆନ୍ତୁ, ମୋର ଭୟ ନାହିଁ । ମାଆ ଠାକୁରାଣୀ ଗଲେ ସର୍ବନାଶ । ଶକ୍ତିର କୃପା ନ ହେଲେ କ'ଣ ଘୋଡ଼ାଡିମ୍ବ ହେବ ?'

ସଂଘଜନନୀ ରୂପେ ଓ ଶକ୍ତିରୂପିଣୀ ଭାବେ ଶ୍ରୀ ମା' ସାରଦା ଦେବୀଙ୍କର ଜୀବନର ନିଗୂଢ଼ ଆଧ୍ୟାତ୍ମିକ ଓ ସୁଦୂରପ୍ରସାରୀ କଲ୍ୟାଣର ସମ୍ଭାବନାକୁ ସ୍ୱାମିଜୀ ସର୍ବପ୍ରଥମେ ପ୍ରକାଶ ଓ ବୋଧଗମ୍ୟ କରିଥିଲେ । ଯେଉଁ ନରେନ୍ଦ୍ର ମା' କାଳୀଙ୍କୁ ମାନୁନଥିଲେ, ସେ ଆଜି ଭାବବିହ୍ୱଳିତ କଣ୍ଠରେ ଘୋଷଣା କରୁଛନ୍ତି - ଶକ୍ତିର କୃପା ନ ହେଲେ କ'ଣ ଘୋଡ଼ାଡିମ୍ବ ହେବ ? ଏଥିରୁ ସ୍ପଷ୍ଟ ଜଣାଯାଏ ଯେ, ସ୍ୱାମିଜୀଙ୍କ ଭିତରେ ଶିବତ୍ୱର ଯେତେ ପ୍ରକାଶ ପାଉଛି ସେ ସେତେ ଶକ୍ତିଙ୍କୁ ଚିହ୍ନି ପାରୁଛନ୍ତି । ମାତୃଶକ୍ତିର ଉନ୍ମେଷ ପାଇଁ ଭଗ୍ନୀ ନିବେଦିତାଙ୍କୁ ସନ୍ନ୍ୟାସିନୀରେ ରୂପାନ୍ତରିତ କରିଥିଲେ ସ୍ୱାମିଜୀ । ସ୍ୱାମିଜୀ ସ୍ୱୟଂ ଶିବ - ସେ ଶିବ ବୋଲି କିଏ ମାନୁ ବା ନ ମାନୁ ସ୍ୱାମିଜୀ ସ୍ୱୟଂ ଶିବ, ନାଗ ମହାଶୟ କିନ୍ତୁ ଚିହ୍ନିଥିଲେ ସ୍ୱାମିଜୀଙ୍କୁ ଶିବଭାବେ । ନାଗ ମହାଶୟ ପରମଭକ୍ତ ଶ୍ରୀ ରାମକୃଷ୍ଣଙ୍କର । ସ୍ୱାମିଜୀଙ୍କ ସହ ଏକଦା ସାକ୍ଷାତରେ ନାଗ ମହାଶୟ ଆନନ୍ଦ ଉଲ୍ଲସିତ ହୋଇ ସ୍ୱାଗତ କରି କହିଲେ, 'ଜୟ ଶଙ୍କର, ଜୟ ଶଙ୍କର - ଜୀବନ୍ତ ଶିବ ମୋ ସମ୍ମୁଖରେ ଦଣ୍ଡାୟମାନ ଦେଖି ମୋର ଜୀବନ ଆଜି ଧନ୍ୟ ।' କରଯୋଡ଼ି ସ୍ୱାମିଜୀଙ୍କ ସମ୍ମୁଖରେ ନାଗ ମହାଶୟ କେବଳ ଠିଆ ହୋଇଥିଲେ । ସ୍ୱାମିଜୀ ଯେତେବେଳେ ତାଙ୍କର ସ୍ୱାସ୍ଥ୍ୟ ବିଷୟରେ ପଚାରିଲେ, ନାଗ ମହାଶୟ ଉତ୍ତରରେ କହିଲେ 'ମାଟିର ଦେହ ବିଷୟରେ କାହିଁକି ମତେ ପଚାରୁଛନ୍ତି ? ମୁଁ ଆଜି ମୋ ସମ୍ମୁଖସ୍ଥ ସ୍ୱୟଂ ଶିବଙ୍କୁ ଦର୍ଶନ କରି ଆନନ୍ଦରେ ଶିହରିତ ହେଇଯାଉଛି ।' ଏତକ କହି ଭକ୍ତି ଗଦ୍‌ଗଦ୍ କଣ୍ଠରେ ସ୍ୱାମିଜୀଙ୍କ ପାଦତଳେ ଲୋଟିଗଲେ । ସ୍ୱାମିଜୀ ତାଙ୍କୁ ଉଠାଇ ଯେତେବେଳେ ଶ୍ରୀ ରାମକୃଷ୍ଣଙ୍କ ବିଷୟରେ ପ୍ରଶ୍ନ କଲେ, ନାଗ ମହାଶୟ କୃତାଳିପୁଟ ହସ୍ତରେ ଉତ୍ତର ଦେଲେ 'ଏହି ଅକିଞ୍ଚନ କ'ଣ ତାଙ୍କ ବିଷୟରେ କହିବାକୁ ଯୋଗ୍ୟ ? ଆପଣ ଶ୍ରୀ ରାମକୃଷ୍ଣଙ୍କର ଛାୟା । ଆପଣ ଓ ସେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ।' ଶିବ ଭୋଳାନାଥ । ନାଗ ମହାଶୟଙ୍କ ଉକ୍ତିରେ ଭୋଳାନାଥ ସ୍ୱାମିଜୀ ପ୍ରେମରେ ଭୋଳ ହୋଇଗଲେ । ଗୋଟିଏ କଥା ଏଠାରେ ସ୍ମରଣଯୋଗ୍ୟ ଯେ, ନାଗ ମହାଶୟଙ୍କର ସ୍ୱାମିଜୀଙ୍କୁ ମହାତ୍ୟାଗୀ ଶିବ ଭାବେ ଗ୍ରହଣ କରିବାର ପ୍ରୟାସ ନିଜର ମହଗଢ଼ା ଖିଆଲ ଉପରେ ପର୍ଯ୍ୟବସିତ ନୁହେଁ ବରଂ ଦେବ ଦେବ ମହାଦେବଙ୍କ ଠାରେ ଥିବା ସମସ୍ତ ଗୁଣ ସ୍ୱାମିଜୀଙ୍କ ଭିତରେ ସ୍ୱୟଂ ଦେଖିଥିବାର ଅନୁଭୂତି ଉପରେ ପ୍ରତିଷ୍ଠିତ । ଶିବ, ତ୍ୟାଗ ଓ ସେବାର ପ୍ରତୀକ, ନିଜର ବୋଲି ତାଙ୍କର କିଛି ନାହିଁ । ଯାହା ସେ ପାଆନ୍ତି, ସବୁ ଦାନ କରିଦିଅନ୍ତି । ବ୍ୟକ୍ତି ସ୍ତରରେ ମନ ତାଙ୍କର କେବେ ବି ରୁହେନାହିଁ - ସଦାସର୍ବଦା ରୁହେ ସମଷ୍ଟି ସ୍ତରରେ । ଏହା ତାଙ୍କର ଅନ୍ତର୍ନିହିତ ଗୁଣ । ସ୍ୱାମିଜୀ ବି ତଦ୍ରୂପ । ଏତେ ବଡ଼ ଜ୍ଞାନୀ ଓ ଶିକ୍ଷିତ ହେଇ ମଧ୍ୟ, ନିଜ ପାଇଁ କିଛି କଲେ ନାହିଁ । ସମଗ୍ର ମାନବଜାତିକୁ ବ୍ୟକ୍ତି ସ୍ତରରୁ ଉଠାଇ ସମଷ୍ଟି ସ୍ତରକୁ ନେବା ପାଇଁ ଯେଉଁ ଆଧ୍ୟାତ୍ମିକ ସମ୍ପଦ ସେ ଶ୍ରୀ ରାମକୃଷ୍ଣଙ୍କ ଠାରୁ ପାଇଥିଲେ, ସେସବୁକୁ ବାଣ୍ଟିଦେଲେ ମାନବ ଭିତରେ । ତାଙ୍କରି ଭାଷାରେ, ପୃଥିବୀର ସର୍ବଶେଷ ବ୍ୟକ୍ତିଟିର ମୁକ୍ତି ନହେବା ପର୍ଯ୍ୟନ୍ତ, ମୁଁ ଆବଶ୍ୟକ କରେନାହିଁ ମୋ ନିଜର ମୁକ୍ତି ।' କେଡ଼େ ମହାନ ଚିନ୍ତାଧାରା । ଏଭଳି ଚିନ୍ତା ନିମ୍ନ ଚେତନା ସ୍ତରରେ ଥିବା ବ୍ୟକ୍ତିର ମନଠୁଁ କ'ଣ ମିଳିପାରିବ ? ନା - କେବଳ ମିଳିବ ସେହି ବ୍ୟକ୍ତିଠୁଁ ଯାହାର ମନ ଉଚ୍ଚ ଚେତନା ସ୍ତରରେ ନିମଗ୍ନ । ଅର୍ଥାତ୍ ଯାହାର ମନ ସମଷ୍ଟି ପାଇଁ କାନ୍ଦେ । ଯାହାର ହୃଦୟ ସମଗ୍ର ଜୀବର କଲ୍ୟାଣ ପାଇଁ ସଦାସର୍ବଦା ଚିନ୍ତିତ, ଯିଏ ସମଗ୍ର ମାନବର ଦୁଃଖ ନିର୍ଯ୍ୟାତନାକୁ ନିଜର ଭାବି ଗ୍ରହଣ କରି ନୀଳକଣ୍ଠ ସାଜେ, ସେ ହିଁ ଶିବ । ସେ ହିଁ ସ୍ୱାମୀ ବିବେକାନନ୍ଦ । (କ୍ରମଶଃ)



ମୋ-୯୯୩୭୨୯୭୦୩୯

# ସଞ୍ଚୟର ସହଜ ସୂତ୍ର



କହନ୍ତି ଚାକିରି କଲେ ଦାୟିତ୍ୱ ବଢ଼େ । ଆପଣ ଚାକିରି ବା ବ୍ୟବସାୟ କରନ୍ତି ଟଙ୍କା ରୋଜଗାର ପାଇଁ । ସେଇ ରୋଜଗାର ଟଙ୍କାରୁ କିଛି ବଳିଗଲେ ତାକୁ ସଞ୍ଚୟ କରନ୍ତି । ହେଲେ ଅଧିକାଂଶ ସମୟରେ ଆପଣ ଯେତିକି ରୋଜଗାର କରନ୍ତି ତାହା ଅଣ୍ଟେ ନାହିଁ କିମ୍ବା ସଞ୍ଚୟ ମଧ୍ୟ କରିପାରନ୍ତି ନାହିଁ । ମୂଳକଥା ହେଲା ନିଜର ଏକ ବଜେଟ ଯୋଜନା କରିବା । ଏଥିପାଇଁ ଅନେକ ସୂତ୍ର ରହିଛି । ହେଲେ ସେସବୁ ମଧ୍ୟରୁ ସବୁଠୁ ଲୋକପ୍ରିୟ ହେଉଛି ୫୦-୩୦-୨୦ ଫର୍ମୁଲା ।

୫୦-୩୦-୨୦ ଫର୍ମୁଲା କ'ଣ ? : ଏହି ଫର୍ମୁଲାଟି ଅର୍ଥନୀତି ପରାମର୍ଶଦାତାଙ୍କ ପାଇଁ ସବୁଠୁ ଗ୍ରହଣୀୟ ସୂତ୍ର । ଏହି ସୂତ୍ରରେ ଆପଣ ଆପଣଙ୍କ ଦରମାକୁ ତିନିଭାଗରେ ବିଭକ୍ତ କରନ୍ତୁ । ଏଥିରେ ୫୦ ପ୍ରତିଶତ ଖର୍ଚ୍ଚ, ୩୦ ପ୍ରତିଶତ ଆବଶ୍ୟକତା ଓ ୨୦ ପ୍ରତିଶତ ସଞ୍ଚୟ ଅନ୍ତର୍ଭୁକ୍ତ । ଏହି ଫର୍ମୁଲା ସଞ୍ଚୟ ସହିତ ଖର୍ଚ୍ଚ ପରିଚାଳନା ଓ ଆର୍ଥିକ ଲାଭ ହାସଲ କରିବାରେ ସାହାଯ୍ୟ କରେ ।

ଏହି ସୂତ୍ର କିପରି କାମ କରେ ? : ମନେ କରନ୍ତୁ ଆପଣ ଏକ ପ୍ରାଇଭେଟ କମ୍ପାନୀରେ ଚାକିରି କରୁଛନ୍ତି ଏବଂ ମାସିକ ୫୦ ହଜାର ଟଙ୍କା ରୋଜଗାର କରୁଛନ୍ତି । ଏଥିରୁ ଆପଣ ପ୍ରତି ମାସରେ ବାପାମାଆଙ୍କୁ ୧୦ ହଜାର ଟଙ୍କା ପଠାନ୍ତି ତେବେ ଏହି ସୂତ୍ର ଅନୁସାରେ ଆପଣ ଖର୍ଚ୍ଚ ଓ ଆବଶ୍ୟକତା ଅନୁସାରେ ସଞ୍ଚୟ କରିବେ କିପରି ?

୧୦ ହଜାର ଟଙ୍କା ପରିବାରକୁ ପଠାଇଲା ପରେ ଆପଣଙ୍କ ପାଖରେ ବଞ୍ଚୁଛି ୪୦ ହଜାର ଟଙ୍କା । ଏହାର ୫୦ ପ୍ରତିଶତ ଅର୍ଥାତ୍ ୨୦ ହଜାର ଟଙ୍କା ଆପଣ ଘରଭଡ଼ା, ଖାଦ୍ୟ, ବିଜୁଳି ବିଲ ଇତ୍ୟାଦିରେ ଖର୍ଚ୍ଚ କରନ୍ତୁ । ଏବେ ବାକି ୫୦ ପ୍ରତିଶତ ଦରମାକୁ ଦୁଇ ଭାଗରେ ବାଣ୍ଟନ୍ତୁ । ବାକି ଥିବା ଦରମାର ୩୦%, ଅର୍ଥାତ ୧୨ ହଜାର ଟଙ୍କା ଆପଣଙ୍କ ଆବଶ୍ୟକତା ପାଇଁ ଯଥା ଜିମ କିମ୍ବା କୌଣସି କର୍ମଶାଳା ଇତ୍ୟାଦିରେ ଖର୍ଚ୍ଚ କରନ୍ତୁ । ଆପଣ ଏଥିରୁ ମଧ୍ୟ କିଛି ପରିମାଣ ସଞ୍ଚୟ କରିବାକୁ ଚେଷ୍ଟା କରିବା ଉଚିତ, ଯାହା ଆପଣଙ୍କୁ ଟ୍ରାଭେଲ ଟ୍ରିପ କିମ୍ବା ବ୍ରାଣ୍ଡେଡ ପୋଷାକ ବା ସ୍ମାର୍ଟଫୋନ କିଣିବା ଆଦି ଛୋଟ ଛୋଟ ଲକ୍ଷ୍ୟ ପୂରଣ କରିବାରେ ସାହାଯ୍ୟ କରିବ ।

ଏବେ ବାକି ୨୦% ଅର୍ଥାତ୍ ୮ ହଜାର ଟଙ୍କା ସଞ୍ଚୟ କରନ୍ତୁ । ସଞ୍ଚୟ ସହିତ ଆପଣ ପ୍ରତି ମାସରେ ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ଏକ ଜରୁରୀକାଳୀନ ପାଣ୍ଠିରେ କିଛି ପରିମାଣ ରଖିବା ଜରୁରୀ । ତାଛଡ଼ା ଆପଣ କିଛି ଟଙ୍କା ନିବେଶ କରିବା ଉଚିତ । ଏଥିରେ ଆପଣଙ୍କୁ ରିଟର୍ଣ୍ଣ ମିଳିବ ଏବଂ ଏହା ଆପଣଙ୍କ ସଞ୍ଚୟ ବୃଦ୍ଧି କରିବ । ଏହା ସହିତ ମେଡ଼ିକାଲ ଏମର୍ଜେନ୍ସି ପାଇଁ ମଧ୍ୟ କିଛି ଟଙ୍କା ରଖିବା ଆବଶ୍ୟକ । ଏପରି କଲେ ଆପଣ ୫୦-୩୦-୨୦ ଫର୍ମୁଲା ସାହାଯ୍ୟରେ ଆପଣଙ୍କର ଖର୍ଚ୍ଚ ଓ ଆବଶ୍ୟକତା ଅନୁସାରେ ସଞ୍ଚୟ କରିପାରିବେ ।

କଥାରେ ଅଛି ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି । ସଂସାର ଜୀବନରେ ଅନେକ ଝଡ଼ଝଞ୍ଜା, ଅଭାବ, କଷ୍ଟକୁ ନେଇ ଚଳିବାକୁ ପଡ଼ିଥାଏ ତେବେ ସବୁଠାରୁ ବଡ଼ କଥା ହେଉଛି ସଞ୍ଚୟ ଅଭ୍ୟାସ । ଅନେକଙ୍କର ବଦଖର୍ଚ୍ଚ ଗୁଣ ଓ ବହୁବସଳତା ପାଇଁ ଖୋଲା ହାତ ଖର୍ଚ୍ଚ ପରବର୍ତ୍ତୀ ସମୟରେ ସେମାନଙ୍କୁ ଅଭାବୀ କରେ ଏବଂ ଅନେକ ସର୍ବସ୍ୱାନ୍ତ ବା ଏକ ପ୍ରକାର କାଙ୍ଗାଳ ହୋଇପଡ଼ନ୍ତି । ତେଣୁ ସାମାଜିକ ଜୀବନରେ ସଞ୍ଚୟ ଏକ ଖୁବ ଭଲ ଅଭ୍ୟାସ । ବିଶେଷକରି ପିଲାମାନଙ୍କୁ ଛୋଟବେଳୁ ସଞ୍ଚୟ ଅଭ୍ୟାସ ଶିଖାଇବା ଏକ ଭଲ କଥା ।

**ଡକ୍ଟର ତପନ କୁମାର ପାଲ**
**ଏସ୍‌ବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,**
ମୋ : ୯୯୩୭୬୫୮୩୬୨

ପ୍ରଚ୍ଛଦ

ଓଡ଼ିଆ ଯାତ୍ରାରେ ଦର୍ଶକଙ୍କ ସଂଖ୍ୟା ବହୁତ ଅଧିକ। ଓଡ଼ିଆ ମନୋରଞ୍ଜନର ମୁଖ୍ୟ ମାଧ୍ୟମ ସାଜିଛି ଯାତ୍ରା। ସେଥିପାଇଁ ଦିନକୁ ଦିନ ଯାତ୍ରା ପାର୍ଟି ସଂଖ୍ୟା ବୃଦ୍ଧି ପାଇବା ସହ ଯାତ୍ରା ମଧ୍ୟ କଳେବର ପରିବର୍ତ୍ତନ କରିଛି। ଅଧ୍ୟାଧୁନିକ ଲାଇଟ୍, ସାଉଣ୍ଡ, ସୁଦୃଶ୍ୟ ତୋରଣ, ଗେଟ୍ ଆଦି ଆକର୍ଷଣୀୟ କରିବା ସହ ପ୍ରଯୋଜକ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରି ଦର୍ଶକଙ୍କୁ ଆକୃଷ୍ଟ କରିବାକୁ ପାର୍ଟିର ନବକଳେବର କରିଚାଲିଛନ୍ତି। ଯେମିତି ବଢ଼ିଛି ଦର୍ଶକଙ୍କର ଯାତ୍ରା ପ୍ରତି ଆକର୍ଷଣ, ସେମିତି ମଧ୍ୟ ମାଲିକଙ୍କର ଆଗ୍ରହ ଓ କଳାକାରଙ୍କ ପାରିଶ୍ରମିକ ବୃଦ୍ଧି କଳାପ୍ରତି ଆହୁରି ଆଗ୍ରହ ସୃଷ୍ଟି କରିଛି। ଏସବୁ ସତ୍ତ୍ୱେ ଯାତ୍ରାରେ ମଧ୍ୟ ଅନେକ ବାଦବିବାଦ ମୁଣ୍ଡ ଟେକିଛି। ମାଲିକ ଓ କଳାକାର ନିଜ ନିଜର ସୀମା ଡେ଼ଇଁ ବିବାଦ ମୁଣ୍ଡେଇବା ସହିତ ଅନେକ ବିଭ୍ରାଟ ଯାତ୍ରାରେ ଦେଖାଦେଇଛି। ଏତେ ବଡ଼ ଯାତ୍ରାନୁଷ୍ଠାନ ଗୁଡ଼ିକ ଦର୍ଶକଙ୍କ ଭଲ ପାଇବାକୁ ନେଇ ଚାଲିଛି ସିନା, ଅନେକ ଅବ୍ୟବସ୍ଥା ଦେଇ ଗତି କରୁଛି। ମାଲିକ ଓ କଳାକାରଙ୍କ ମନମାନୀ, କଳା ସଂସ୍କୃତି ପ୍ରତି ଉପେକ୍ଷା, ଦୁସ୍ଥ କଳାକାରଙ୍କ ଦୁଃଖ, ଅପସଂସ୍କୃତିର ଅଧିକ ପ୍ରଚାର ପ୍ରସାର, ବିନା ଟିକସରେ କାରବାର, ଇଣ୍ଡଷ୍ଟ୍ରୀ ମାନ୍ୟତାକୁ ଅଣଦେଖା...ଏମିତି ଅନେକ କଥା...ଯାତ୍ରାର ବ୍ୟାଥା ହୋଇ ରହିଛି।

ପ୍ରସ୍ତୁତି-ଶ୍ରୀଗୋବିନ୍ଦ



# ଯାତ୍ରା କରୁଛି ଯାତରା !

### କଳାକାର ମାଲିକ ତୁ ତୁ ମେ ମେ:

ଯାତ୍ରା ପାଇଁ ସାରା ଓଡ଼ିଶା ଆଜି ହୁଲସ୍ଥୁଲ। ପ୍ରତ୍ୟେକଦିନ ଗଣମାଧ୍ୟମରେ କଳାକାର ଓ ମାଲିକଙ୍କ କଥା କଟାକଟି, ଚ୍ୟାଲେଞ୍ଜ କେବଳ ଦର୍ଶକଙ୍କୁ ବିରକ୍ତ କରିନି ବରଂ ଯାତ୍ରା ଠାରୁ ମୁହଁ ଫେରାଇ ନେବାକୁ ବାଧ୍ୟ କଲାଣି। କଳା ପ୍ରଦର୍ଶନ ପାଇଁ ଯାତ୍ରା ଯେମିତି ଥିଲା ପ୍ରକୃଷ୍ଟ ମାଧ୍ୟମ, ଆଜି ତାହା ଅନେକ ଘଟଣାକୁ ନେଇ କଳଙ୍କିତ ହେବାକୁ ଲାଗିଛି। କଳାକାରଙ୍କ ପ୍ରତି ହେଉ ଅବା ମାଲିକଙ୍କ ପ୍ରତି ହେଉ, ଦର୍ଶକମାନଙ୍କର ଯେମିତି ଭଲ ପାଇବା ଥିଲା ଆଜି କ୍ରମଶଃ ହ୍ରାସ ହେବାରେ ଲାଗିଛି। ତାହାର କାରଣ ହେଲା, ଏଇ କିଛିଦିନ ତଳେ ଜଣେ ଯାତ୍ରା କଳାକାରଙ୍କର ପାରିଶ୍ରମିକ ଓ ପାର୍ଟି ବଦଳକୁ ନେଇ ସାରା ଓଡ଼ିଶାରେ ଚର୍ଚ୍ଚା ଲାଗିଥିଲା। ତାହା ସମାଧାନ ହେଉ ହେଉ ପୁଣି ଅଭିଯୋଗ ଆସିବା ଓ ସେହି ନିର୍ଦ୍ଦିଷ୍ଟ କଳାକାରଙ୍କୁ ଦୋଷାରୋପ କରିବା ଘଟଣା ମଧ୍ୟ ବେଶ ରୋଚକ ଖବର ହୋଇଯାଇଛି। ଏଇଠି କଥା ଉଠୁଛି, କେବଳ ଜଣେ କଳାକାର କଣ ଏଥିପାଇଁ ଦାୟୀ। ଏହା ସହିତ ଆଉ କାହାର ସଂପୃକ୍ତି ନାହିଁ। ନିଜ ପାର୍ଟିରେ ଭଲ କଳାକାର ରଖିବା, ଯାତ୍ରା ସିଜନ୍‌ରେ ଭଲ ବ୍ୟବସାୟ କରିବା ଲକ୍ଷ୍ୟରେ ଯଦି ମାଲିକମାନେ କୁଳ ଲଙ୍ଘି ଯାଉଛନ୍ତି, କଳାକାରମାନେ କିଛି ଭୁଲ ଯଦି କଲେ, ଏଥିରେ ଅସୁବିଧା କଣ ? କଳାକରଙ୍କୁ ମୁହଁବଢ଼ା କିଏ କରିଥିଲା। ସେମାନେ ଯଦି ଅଧିକ ଡିମାଣ୍ଡ କଲେ କିମ୍ୱା କିଏ ଯଦି ତାଙ୍କୁ ଅଧିକ ଦେଲା, ପାର୍ଟି ବଦଳେଇବାରେ ଅସୁବିଧା କେଉଁଠି ? ଯଦି ଏକଥା ଠିକ ନୁହେଁ, ଯାତ୍ରା ମାଲିକମାନେ ନିଜର ଯେଉଁ ସଂଘ କରିଛନ୍ତି, ତା ମାଧ୍ୟମରେ ଆପୋଷ ଆଲୋଚନା ହୋଇ କଳାକାର ଚୟନ କଲେ କ୍ଷତି କଣ ହୁଅନ୍ତା ? ନା, କଥା ଏଠିନାହିଁ, ବରଂ ମାଲିକ ମାଲିକଙ୍କ ମଧ୍ୟରେ ଯେଭଳି ଛକାପଞ୍ଝା ଚାଲିଥାଏ, ସେଭଳି ମଧ୍ୟ କଳାକାରଙ୍କ ମଧ୍ୟରେ ଚାଲିଥାଏ। ମାଲିକମାନେ ଭାବିଥାନ୍ତି, ଯଦି ସେହି ନିର୍ଦ୍ଦିଷ୍ଟ କଳାକାରକୁ ଆଗାମୀ ସିଜନ୍ ପାଇଁ ପାର୍ଟିରେ ସାମିଲ କରାଯାଏ, ପାର୍ଟି ତ ଭଲ ଚାଲିବ, ମାର୍କେଟରେ ବେପାର କରିବା ସହିତ ଡିମାଣ୍ଡ ବି ରହିବ। ଏହି ନ୍ୟାୟରେ ସେମାନେ ଭିତିରିଆ ଭାବରେ କଳାକାରଙ୍କର ପାରିଶ୍ରମିକ ବୃଦ୍ଧି କରି ବିଭିନ୍ନ ଅଫର ଦେବା ଓ ଭିତରେ ଭିତରେ ଆଡଭାନ୍ସ ଦେଇ ବୁକିଂ କରିବା ମାଲିକଙ୍କର କେଉଁ ପ୍ରକାର କାରସାଦୀ କହିଲେ ? ମାଲିକମାନେ ଯଦି ଏଭଳି ଆଚରଣ କରିପାରିଲେ, କଳାକାରମାନେ କାହିଁକି ନକରିବେ। କେବଳ ଅଭିଯୋଗ ଆସିଥିବା ନିର୍ଦ୍ଦିଷ୍ଟ କଳାକାର ନୁହନ୍ତି, ଯାତ୍ରା ଜଗତରେ ଏମିତି ଅନେକ କଳାକାର ଅଛନ୍ତି, ଯେଉଁମାନଙ୍କର ଡିମାଣ୍ଡ କାହିଁରେ କଣ ରହିଛି, ସେମାନଙ୍କୁ ମାଲିକମାନେ ଏଭଳି ଲୋଭର ବଶବର୍ତ୍ତୀ କରାନ୍ତି, ସେମାନେ ବାଧ୍ୟ ହୋଇ ପାର୍ଟି ପରିବର୍ତ୍ତନ କରନ୍ତି। ଏହି ଘଟଣା ଯେତେବେଳେ ଅଧିକ ହୋଇଯାଏ, ସେତେବେଳେ ସମସ୍ତେ କଳାକାରଙ୍କ ଉପରେ ଦୋଷ ଲଦି ଦିଅନ୍ତି। ବାସ୍ତବରେ ଦେଖିବାକୁ ଗଲେ, ଗୋଟେ ହାତରେ ତାଳି ନବାଜିବା ପରି କଳାକାର ଏଭଳି ଘଟଣା ପାଇଁ ଯେତିକି ଦାୟୀ ନୁହନ୍ତି ମାଲିକମାନେ ଅଧିକ ଦାୟୀ।

### ନିୟମ କାହିଁକି ସମସ୍ତଙ୍କ ପାଇଁ ନୁହେଁ !

ଜଣେ ହାସ୍ୟାଭିନେତା ଓ ଯାତ୍ରାପାର୍ଟି ମାଲିକଙ୍କୁ ନେଇ ନିକଟରେ ବିବାଦ ସୃଷ୍ଟି ହୋଇଥିଲା। ପ୍ରଥମେ ଅଭିନେତା ଜଣକ ପାର୍ଟି ମାଲିକଙ୍କ ନାଁରେ ମାଡ ମାରିଥିବା ଅଭିଯୋଗ ଆଣିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଯାତ୍ରା ପାର୍ଟି ମାଲିକ ଏହା ଭିତ୍ତିହୀନ ଓ ନିର୍ଦ୍ଦିଷ୍ଟ କଳାକାର ଜଣକ ମିଛ କହୁଛନ୍ତି ବୋଲି କହିଥିଲେ। ସେ ଯାହା ହେଉ ବିବାଦ କିନ୍ତୁ ଏଇଠି ଅଟକି ଯାଇ ନଥିଲା। କଥା ଏତେ ପରିମାଣରେ ସାଂଘାତିକ ହେଲା ଯେ ମାଲିକ ସଂଘ ଏକଜୁଟ ହୋଇ ସଂପୃକ୍ତ କଳାକାର ଜଣକୁ ଯାତ୍ରାରୁ ବାସନ୍ଦ କଲେ। ଅର୍ଥାତ ସେ ଆଉ କୌଣସି ପାର୍ଟିରେ ଯାତ୍ରା କରିପାରିବେ ନାହିଁ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା। ଯଦି ଏ କଥା ଠିକ୍ ଜଣେ ମିଛ କହୁଥିବା କଳାକାରଙ୍କ ପାଇଁ ସେମାନେ ଦଣ୍ଡବିଧାନ କଲେ, ଅନ୍ୟମାନଙ୍କୁ କାହିଁକି କ୍ଷମା ଦେଉଛନ୍ତି ବୋଲି ଅନେକ ଅଭିଯୋଗ ଆଣିଲେଣି। ଯାତ୍ରାରେ କେବଳ ସେ ନିର୍ଦ୍ଦିଷ୍ଟ କଳାକାର ନୁହନ୍ତି, ଏମିତି ଅନେକ କଳାକାରଙ୍କୁ ବାସନ୍ଦ କରିବା ଓ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ମାଗିବା ଭଳି ଘଟଣା ଦେଖିବାକୁ ମିଳିଛି। ଯାତ୍ରା ମାଲିକମାନେ ଯଦି ଏଭଳି ପଦକ୍ଷେପ ନେଉଛନ୍ତି, ତାହେଲେ ନିଜ ପାର୍ଟିକୁ ଆଣିବାକୁ ଲୁଚାଛପା ଯୋଗାଯୋଗ ନକରି ମାଲିକ-ମାଲିକ ମଧ୍ୟରେ କଥାବାର୍ତ୍ତା ହୋଇ କଳାକାରଙ୍କୁ ଚୟନ କରୁ ନାହାନ୍ତି କାହିଁକି ? ତା'ହେଲେ ଭୁଲ କାହାର ? ନିଜର ପେଟପାଟଣା ପାଇଁ କଳାକୁ ନିର୍ଭରକରି ବଞ୍ଚୁଥିବା କଳାକାରଙ୍କର ନା ବ୍ୟବସାୟିକ ସଫଳତା ହାସଲ କରିବା ପାଇଁ ଛକାପଞ୍ଝା ଲାଗି କଳାକାରଙ୍କୁ ନିଜ ପାର୍ଟିକୁ ଆଣିବାକୁ କସରତ୍ କରୁଥିବା ମାଲିକଙ୍କର ?

### ଚାଲିଛି ଖୋଲା ଚ୍ୟାଲେଞ୍ଜ

ମାଲିକମାନେ ଯେଭଳି ଭାବରେ କଳାକାରଙ୍କୁ ବିରୋଧ କଲେ, କଳାକାରମାନେ ମଧ୍ୟ ଏକଜୁଟ୍ ହୋଇ ମାଲିକମାନଙ୍କୁ କାଉଁଟର କଲେ। ମାଲିକମାନେ ଯଦି କଳାକାରଙ୍କ ପ୍ରତି ଆଭିମୁଖ୍ୟ ବଦଳେଇବେ ନାହିଁ, କଳାକାରମାନେ ଯାତ୍ରା



କରିବେ ନାହିଁ ବୋଲି ରୋକଠୋକ ମନା କରିଦେଇଛନ୍ତି । ମାଲିକ ଓ କଳାକାରଙ୍କର କଥା କଟାକଟି ବିଭିନ୍ନ ଗଣମାଧ୍ୟମରେ ଚାଲିଥିବାବେଳେ ସମାଧାନର ବାଟ କିଛି ବାହାରୁ ନାହିଁ । ସମାଧାନ ବାହାରିବା ତ ଦୂରର କଥା ଅନେକ ଅଯୌକ୍ତିକ କଥା ଦେଖିବାକୁ ମିଳୁଛି । ମୂଳ ପ୍ରସଙ୍ଗରୁ ଦୂରେଇ ଯାଇ ମାଲିକ ଓ କଳାକାରମାନେ ନିଜ ନିଜର ଗୋହି ଖୋଲାଖୋଲି ହେଉଛନ୍ତି । ପରସ୍ପର ଭାବରେ ବ୍ୟକ୍ତିଗତ ଆକ୍ଷେପ କରିବାକୁ ପଛେଇ ଯାଉନାହାନ୍ତି ।

## ମାଲିକଙ୍କର କଣ ଭୁଲ ନାହିଁ ?

ମାଲିକମାନେ ଯେଉଁଭଳି ଭାବରେ ଜଣେ କଳାକାରଙ୍କୁ ବାସନ୍ଦ କରିବା ପାଇଁ ଏକଜୁଟ୍ ହୋଇପାରିଲେ, କଳାକାର ଚୟନ କଲାବେଳେ କାହିଁକି ଏହି ଶୃଙ୍ଖଳା ଅବଲମ୍ବନ କରୁ ନାହାନ୍ତି । ବିଶେଷକରି ଖଣ୍ଡଗିରି ମେଳା ସମୟରେ ଲୁଚାଛପା ହୋଇ ମ୍ୟାନେଜର-ମାଲିକ ମାନେ କେଉଁ କଳାକାରଙ୍କୁ କିଭଳି ଭାବରେ ଆକୃଷ୍ଟ କରି ନିଜ ପାର୍ଟିକୁ ଆଣିବେ ଓ ବର୍ଷ ତମାମ ବ୍ୟବସାୟ ଭଲ କରିବେ, ସେହି ଚିନ୍ତାରେ ଥାଆନ୍ତି । ଅନେକ କଳାକାର ମଧ୍ୟ ଅର୍ଥଲୋଭରେ ସେହି ମାଲିକଙ୍କ ସହ ମିଶି ଡିଲ୍ ଫାଇନାଲ କରନ୍ତି ଓ ପୂର୍ବ ମାଲିକକର ହାତ ଛାଡ଼ି ଦିଅନ୍ତି । ଏହାପୁଣି ଏଭଳି ଚଞ୍ଚକତାରେ ହୋଇଥାଏ, ଭିତରେ ଭିତରେ କଳାକାର ଓ ମାଲିକ ଦିଆନିଆ ହୋଇ କଥାକୁ ଗୁପ୍ତ ରଖିଥାନ୍ତି । ଯଦି ଡିଲ୍ ଠିକ ହେଲା ତ ଭଲ କଥା, ନହେଲେ କେଉଁଠି କଳାକାର ତ କେଉଁଠି ମାଲିକ ମଧ୍ୟରେ ଚାଲେ ତୁମ୍ବିତୋଫାନ । ଠିକ କ୍ୟାମ୍ପ ସରିବାବେଳକୁ କେତେକ କଳାକାର ଘୋଷଣା କରନ୍ତି, ସେମାନେ ଆଉ ପାର୍ଟିରେ ନାହାନ୍ତି । କିନ୍ତୁ ପାର୍ଟି ସେହି କଳାକାରଙ୍କ ନାଁରେ ଅନେକ କମିଟି ଦ୍ୱାରା ବୁକ୍ ହୋଇସାରିଥାଏ । ଅନେକ ମାଲିକ ଏଭଳି ପରିସ୍ଥିତିର ସାମ୍ନା କରନ୍ତି, ପାର୍ଟି ବର୍ଷକ ପାଇଁ କିଭଳି ଚାଲିବ, ସେହି ଚିନ୍ତାରେ ରୁହନ୍ତି । କଳାକାରଙ୍କୁ ବୁକ୍ କରିବାକୁ ମାଲିକମାନେ ଯେମିତି ଗୁପ୍ତ ଷଡ଼ଯନ୍ତ୍ର କରିଥାନ୍ତି, ଜଣକ ପାଇଁ ଅନ୍ୟ ଜଣେ ମାଲିକ ମଧ୍ୟ ହଇରାଣ ହୋଇଥାନ୍ତି । ଏହି ହଇରାଣ କାହା ଭାଗ୍ୟରେ କେଉଁ ବର୍ଷ ପଡ଼ିବ, ତାହା ମଧ୍ୟ ମାଲିକମାନେ ଜାଣିଥାନ୍ତି । ଏସବୁ ଜାଣି ସୁଦ୍ଧା ଏଭଳି କାରନାମା କରୁଥିବା ମାଲିକମାନେ ନିଜେ ସଚେତନ ହୋଇ ଶୃଙ୍ଖଳିତ ଭାବରେ କଳାକାର ଚୟନକୁ ସମସ୍ତଙ୍କ ଜାଣତରେ କଲେ, ବୋଧହୁଏ ଏସବୁ ଅସୁବିଧା ଦେଖାଯାଆନ୍ତା ନାହିଁ ।

## ନୀତିହୀନ ହୋଇଯାଉଛନ୍ତି କଳାକାର !

କେବଳ ମାଲିକଙ୍କର ଭୁଲ ଦେଇଦେଲେ ହେବନାହିଁ, କଳାକାରଙ୍କର ମଧ୍ୟ ଅନେକ ଭୁଲ ରହୁଛି । ସେମାନେ ଅର୍ଥଲୋଭରେ ଆଡ଼ଭାନ୍ସ ଅନେକଙ୍କ ଠାରୁ ଆଣୁଛନ୍ତି । ଯଦି କିଏ ୨୫ ଲକ୍ଷ ବଦଳରେ ୩୦ ଲକ୍ଷ କହିଦେଲା, ଏ ପାର୍ଟିରୁ ଟଙ୍କା ଆଣି ସେ ପାର୍ଟିକୁ ଫେରାଇଦେବା ଭଳି ଘଟଣା ଦେଖିବାକୁ ମିଳୁଛି । ଦର୍ଶକ ଭଲ ପାଇଲେ ବୋଲି ଜଣେ କଳାକାର କଣ ନିଜ ସ୍ୱାଭିମାନକୁ ଭୁଲିଯାଇ ଏତେ ତଳକୁ ଖସିଯିବ । କଳାକାରଙ୍କୁ ଦର୍ଶକ ଭଲ ପାଉଛନ୍ତି ବୋଲି ସେମାନଙ୍କର ଡ଼ିମାଣ୍ଡ ବଢୁଛି । ସେମାନଙ୍କର ଡ଼ିମାଣ୍ଡ ବଢ଼ିବା ପରେ ଅଧିକ ପାରିଶ୍ରମିକ ନେଉଛନ୍ତି । ଯେତେବେଳେ ଗଣମାଧ୍ୟମରେ ପାରିଶ୍ରମିକକୁ ନେଇ ବିବାଦ ସୃଷ୍ଟି ହେବା ଘଟଣା ପ୍ରଚାରିତ ହେଉଛି, ଏହି ଅଧିକ ଅର୍ଥ ପାଇଁ ଦର୍ଶକ ଭଗବାନଙ୍କ ଆଗରେ ସେ କଣ ଛୋଟ ହେଉଯାଉନାହାନ୍ତି ?

## କାମ କରୁଛନ୍ତି ହଜାର ହଜାର, ନାହିଁ ଶିଳ୍ପ ମାନ୍ୟତା

ଯାତ୍ରା ଇଣ୍ଡଷ୍ଟ୍ରୀରେ ହଜାର ହଜାର ଲୋକ କାମ କରିବା ସତ୍ତ୍ୱେ ବି ଇଣ୍ଡଷ୍ଟ୍ରୀର ମାନ୍ୟତା ନାହିଁ । ଏହାପଛରେ ସରକାରଙ୍କ ଭୁଲ ଯାହା ଥାଉନା କାହିଁକି ସଂଘବଦ୍ଧ କଳାକାରଙ୍କ ଭୂମିକା ଗୌଣ ହୋଇପଡ଼ିଛି । ଅନେକ ସମୟରେ ସଂଘ ଠିକ ଭାବରେ ପରିଚାଳିତ ହେବା ଓ ଦାବି ଉପସ୍ଥାପନା କ୍ଷେତ୍ରରେ ପଛରେ ରହିଯାଇଛି । ସଂଘ କୌଣସି ବ୍ୟବସ୍ଥିତ ଢ଼ଙ୍ଗରେ ନଥିବା କାରଣରୁ କେତେକ କଳାକାର ବି ଏହାର କୁପରିଣାମ ଭୋଗ କରୁଛନ୍ତି । ବିଭିନ୍ନ ଅସାଧ୍ୟ ରୋଗ କିମ୍ବା ମୃତ୍ୟୁଲାଭ କଲେ, ସରକାରୀ ସାହାଯ୍ୟ ମିଳିବାରେ କଷ୍ଟ ହେଉଛି । ଜଣେ କଳାକାର କିମ୍ବା ଏଥିରେ ସାମିଲ ଥିବା କର୍ମଚାରୀ କୌଣସି ସମସ୍ୟାରେ ସମ୍ମୁଖୀନ ହେଲେ, ତାହାର ସମାଧାନର ସୂତ୍ର ମିଳିବା କଷ୍ଟ ହେଉଛି । ଅନେକଙ୍କର ଅକାଳରେ ଜୀବନ ଚାଲିଯାଉଥିବାବେଳେ ଅନେକ ଦୁସାଧ୍ୟ ରୋଗରେ ପଡ଼ି ସଢ଼ି ହେଉଛନ୍ତି । ହେଲେ ଦରଦ ବା ଦେଖାଇବ କିଏ ? ପ୍ରଯୋଜକ ଚାହିଁଲେ ବି ସେମାନଙ୍କର ଭରଣା ଏତେ କରିପାରିବେ ନାହିଁ । ଏଣୁ ଯଦି ଇଣ୍ଡଷ୍ଟ୍ରୀର ମାନ୍ୟତା ଯାତ୍ରା ପାଇଯାଆନ୍ତା, କେବେ କୌଣସି କଳାକାରଙ୍କୁ ଏତେ ହନ୍ତସନ୍ତ ହେବାକୁ ପଡ଼ନ୍ତା ନାହିଁ ।

## ଆକ୍ଟିଂ ଶିଖିବାକୁ ନାହିଁ ବନ୍ଦୋବସ୍ତ

ଯାତ୍ରା ମେଲୋଡ୍ରାମା ଭାବରେ ଏକ ଟ୍ରେଣ୍ଡ୍ ବଜାୟ ଆସିଛି । ଯାତ୍ରାର ଡାଇଲଗ ପରିବେଷଣ ଓ ଅଭିନୟ ସାଧାରଣ ଅଭିନୟ ଠାରୁ ଟିକେ ଅତିରଞ୍ଜିତ । ସାଧାରଣ ଦର୍ଶକ ଏହାକୁ ଗ୍ରହଣ କଲେ ବି ଅଭିନୟରେ ସେମିତି କିଛି ନିର୍ଦ୍ଦିଷ୍ଟତା ନଥିବାରୁ ଅନେକଙ୍କୁ ଏହି ଶୈଳୀ ପସନ୍ଦ ଆସୁନାହିଁ । ଅନେକ ପ୍ରଫେସନାଲ ଆକ୍ଟିଂ ଶିଖିଥିବା କଳାକାର ଯାତ୍ରାକୁ ପବେଶ କଲେ ବି ସେହି ଚିରାଚରିତ ଧାରା ଠାରୁ ଯାତ୍ରା ମୁକୁଳି ପାରିନାହିଁ । ଓଡ଼ିଆ ସୌଖୀନ ରଙ୍ଗମଞ୍ଚରେ ଅଭିନୟ ପାଇଁ ସଂଗୀତ ମହାବିଦ୍ୟାଳୟ ପରି ଅନେକ ବେସରକାରୀ ନାଟ୍ୟାନୁଷ୍ଠାନ ଅନେକ କଳାକାରଙ୍କୁ ଅଭିନୟ ଶିଖାଇଥାନ୍ତି । କିନ୍ତୁ ଯାତ୍ରାରେ ସେଭଳି କୌଣସି ଅନୁଷ୍ଠାନ ନାହିଁ, ନୂତନ ପିଢ଼ି ଯେଉଁମାନେ ମନ ବଳାଇ ଆସୁଛନ୍ତି, ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ । ଯାତ୍ରାକୁ ବାସ୍ତବଧର୍ମୀ କରାଇବା ପଛରେ କଳାକାର, ନିର୍ଦ୍ଦେଶକଙ୍କର ବଡ଼ ଭୂମିକା ରହିବା ସହ ମାଲିକମାନେ ସଚେତନ ରହିଲେ ଯାତ୍ରାର ଗତିପଥ ବଦଳେଇ ହେବ ଓ ଅନେକ ଲୋକ ଯୋଡ଼ି ହୋଇ ରହିବେ ।

## ନୂଆଙ୍କୁ ନାହିଁ ସୁଯୋଗ

ଯାତ୍ରାରେ ସୁଯୋଗ ମଧ୍ୟ ନୂଆ କଳାକାରଙ୍କ ପାଇଁ କମ୍ ରହିଛି । ଯେଉଁମାନେ ଯାତ୍ରାକୁ ଆସିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି, ସେମାନଙ୍କ ପାଇଁ ସୁଯୋଗ କମ୍ ରହୁଛି । ସେମାନେ କିଭଳି ଆସିବେ, କେଉଁ ତରିକାରେ ଅଭିନୟ କରିବେ, ପ୍ରମୁଖ ଭୂମିକାରେ ଅଭିନୟ କରିପାରିବେ କି ନାହିଁ, ଯେତିକି ଟଙ୍କା ପ୍ରଥମରୁ ପାରିଶ୍ରମିକ ପାଇବେ, ତାହା ଗୁଜୁରାଣ ମେଣ୍ଟାଇ ପାରିବ କି...ଏମିତି ଅନେକ ପ୍ରଶ୍ନ ନେଇ ନୂଆ ପିଢ଼ିର ଯାତ୍ରା କଳାକାରମାନେ ମଧ୍ୟ ପଛଘୁଞ୍ଚା ଦେଉଛନ୍ତି । ଅନେକ ବରିଷ୍ଠ କଳାକାର ମଧ୍ୟ ତଦନୁସାରେ ଆସନ ଜମାଇ ବସିଛନ୍ତି ଓ ନୂଆ ପିଢ଼ିଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାରେ ଅବହେଳା ପ୍ରଦର୍ଶନ କରୁଛନ୍ତି । ବରିଷ୍ଠ କଳାକାରମାନେ ଯଦି ନୂତନ କଳାକାରଙ୍କ ପାଇଁ ପ୍ରଶିକ୍ଷଣର ବ୍ୟବସ୍ଥା ସହିତ ଅଭିନୟରେ ଶିଖିବାରେ ସାହାଯ୍ୟ କରନ୍ତେ, ଅନେକ ସୁବିଧା ସୃଷ୍ଟି ହୋଇପାରନ୍ତା । ଯାତ୍ରାକୁ ଅଧିକରୁ ଅଧିକ ଲୋକପ୍ରିୟ କରିବାକୁ ଯଦି ବରିଷ୍ଠମାନେ କନିଷ୍ଠମାନଙ୍କୁ ଆଗକୁ ଛାଡ଼ିବାର ପରମ୍ପରା ସୃଷ୍ଟି କରନ୍ତେ, ଭବିଷ୍ୟତରେ ଅନେକ ନୂଆ ପ୍ରତିଭାବାନ କଳାକାରଙ୍କୁ ଯାତ୍ରା ଜଗତର ଦର୍ଶକ ଦେଖିବାକୁ ପାଆନ୍ତେ ।



## ଷ୍ଟାରକାଷ୍ଟରେ କେତେଦିନ ଚାଲିବ ଯାତ୍ରା ପାର୍ଟି :

ଓଡ଼ିଆ ଯାତ୍ରା ପାର୍ଟି ପ୍ରଯୋଜକମାନେ ଯେଉଁଭଳି ଭାବରେ ଷ୍ଟାରମାନଙ୍କୁ ପ୍ରୋଜେକ୍ଟ କରି ନାଟକକୁ ଗୌଣ କରି ଯାତ୍ରା ଚଲାଇଛନ୍ତି, ତାହା ଭବିଷ୍ୟତ ପାଇଁ କେତେ ଠିକ୍ ? ଯଦି ନାଟକ ନାହିଁ, ଯେତେବଡ଼ କଳାକାର ଆସିଲେ ବି କଣ ନାଟକ ହିଟ୍ ହୋଇପାରିବ ବୋଲି ପ୍ରଶ୍ନ କରନ୍ତି ବୁଦ୍ଧିଜୀବୀ । ଓଡ଼ିଆ ନାଟକ କାହିଁକି ଭଲ ହେଉନାହିଁ, ଏହାର ତର୍ଜମା କେହି କରିଛନ୍ତି କି ? ପ୍ରଯୋଜକ, ପରିଚାଳକ, ନାଟ୍ୟକାର, ନିର୍ଦ୍ଦେଶକମାନେ ଏହି ବାବଦରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଛନ୍ତି କି ? ଯଦି ଆଲୋଚନା କରିଛନ୍ତି, ଏହାର ନିର୍ଯ୍ୟାସ କାହିଁକି ବାହାରି ପାରୁନାହିଁ । ନାଟକଟିଏ ପରିବେଷଣ ହେବା ପୂର୍ବରୁ ପ୍ରଯୋଜକ ଓ ନାଟ୍ୟକାର-ନିର୍ଦ୍ଦେଶକ କାହାଣୀ ବାବଦରେ ବାରମ୍ବାର ଆଲୋଚନା କରିବା ଓ ସେ ବର୍ଷ ପାଇଁ ନାଟକଟି କିଭଳି ବ୍ୟବସାୟିକ ସଫଳତା ହାସଲ କରିପାରିବ, ଦୃଷ୍ଟିଦେବା ଭଳି କଥା ଯଦି ଆଲୋଚନା ହୋଇପାରୁଛି, ତା'ହେଲେ ନାଟକ ଭଲ ହେବାପାଇଁ କାହିଁକି କଥାବାର୍ତ୍ତା ହେଉ ନାହାନ୍ତି । ଯେତେବେଳେ ଓଡ଼ିଆ ନାଟକର ମାନ ବୃଦ୍ଧି କଥା ପଡ଼େ, ସେତେବେଳେ ଅବଶ୍ୟ ପ୍ରଯୋଜକ ଓ ନାଟ୍ୟକାର-ନିର୍ଦ୍ଦେଶକ ପରସ୍ପର ପ୍ରତି ଦୋଷ ଦେବା ଦେଖାଯାଇଥାଏ । ଆମେ ଭଲ ନାଟ୍ୟକାର-ନିର୍ଦ୍ଦେଶକ ଚୟନ କରିଛୁ ଓ ଉପଯୁକ୍ତ ପାରିଶ୍ରମିକ ଦେଇଛୁ ବୋଲି ପ୍ରଯୋଜକ ଦାବି କରିବାବେଳେ ନାଟ୍ୟକାର-ନିର୍ଦ୍ଦେଶକମାନେ ସମୟ ଅଭାବ ଓ ପାରିଶ୍ରମିକ କମ୍ ମିଳୁଥିବା କଥା କହିବା କିଛି ଅଯୌକ୍ତିକ ନୁହେଁ । ବିଗତଦିନରେ ଯାହା ପାରିଶ୍ରମିକ ନାଟ୍ୟକାର-ନିର୍ଦ୍ଦେଶକମାନେ ପାଉଥିଲେ, ଆଜିଯାଏ ସେମିତି କିଛି ଆଖିଦୃଶିଆ ପାରିଶ୍ରମିକ ମିଳୁନାହିଁ ବୋଲି କିଛି ନାଟ୍ୟକାର-ନିର୍ଦ୍ଦେଶକ କହିବା କିଛି ଭୁଲ ହୋଇ ନପାରେ !

କଥା ଉଠୁଛି ଯଦି ପାରିଶ୍ରମିକ ଓ ଅନ୍ୟାନ୍ୟ କଥାକୁ ନେଇ ନାଟକ ଭଲ ହୋଇପାରୁନାହିଁ ବୋଲି ନାଟ୍ୟକାର-ନିର୍ଦ୍ଦେଶକ କଥା ଉଠାଉଛନ୍ତି, ସେମାନେ ଏହାର ସଂଶୋଧନ କିଭଳି ହୋଇପାରିବ, ଆପୋଷ ଆଲୋଚନା ହେବା ଉଚିତ । ନାଟକ ଯଦି ଭଲ ଆଗକୁ ନହୁଏ, ହୁଏତ ଯାତ୍ରା ପ୍ରତି ଲୋକଙ୍କ ମନୋଭାବ ବଦଳିଯିବ ଓ ଦର୍ଶକ ମୁହଁ ଫେରାଇ ନେବାକୁ ବାଧ୍ୟ ହେବେ ବୋଲି ବୁଦ୍ଧିଜୀବୀ କୁହନ୍ତି ।

## ଅଶ୍ଳୀଳ ନାଚ ଟ୍ରେଣ୍ଡି ହୋଇଗଲାଣି

ଯାତ୍ରାରେ ଅଶ୍ଳୀଳ ନାଚ ଏକ ପ୍ରକାର ଟ୍ରେଣ୍ଡି ହୋଇଗଲାଣି । ଜଣକ ପରେ ଜଣେ ନର୍ତ୍ତକୀ ଏହି ଅଶ୍ଳୀଳ ନାଚ ନାଚିବାକୁ ଯେମିତି ପ୍ରସ୍ତୁତ ହୋଇଗଲେଣି । ସମୟ ଥିଲା ଜଣେ ଅଧେ କିଏ ନାଚୁଥିଲେ ବୋଲି ଓଡ଼ିଶା ପଡୁଥିଲା, ଓଠୁଥିଲା । ଏବେ କିନ୍ତୁ ଜଣକ ପରେ ଜଣେ ଧାଡ଼ିବାନ୍ଧି ଯେମିତି ଏଭଳି ନୃତ୍ୟ କରିବାକୁ ଆଗେଇ ଆସିଲେଣି । ନୃତ୍ୟର ସୀମା ଏଭଳି ଲଙ୍ଘି ଗଲାଣି, ଦର୍ଶକଙ୍କ ସାମ୍ନାରେ ନିଜର କପଡ଼ା ଖୋଲିଦେବାକୁ ବି ଦ୍ୱିଧା ବୋଧ କରୁ ନାହାନ୍ତି ନର୍ତ୍ତକୀ । ଦର୍ଶକଙ୍କୁ ଆକୃଷ୍ଟ କରିବାକୁ ଯାହା ନାହିଁ ତାହା କରି ଦେଉଛନ୍ତି । ଅନେକ ମଞ୍ଚରେ ଦେଖିବାକୁ ମିଳୁଛି, ନର୍ତ୍ତକୀମାନେ ମଧ୍ୟ ସିଧାସଳଖ ଦର୍ଶକଙ୍କ ସଂସ୍ପର୍ଶରେ ଆସିବା, ଇଶାରା ଦେବା, ଚୁମ୍ବନ ଦେବା ଭଳି ଅତି ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି । ଯଦି ଏଭଳି ଏହି ଧାରାରେ ନୃତ୍ୟ ପରିବେଷଣ ଚାଲେ, ଓଡ଼ିଶାର ମାନମହତକୁ ପଦାରେ ପକାଇବା ପାଇଁ ଏମାନେ ତୟାର ନାହାନ୍ତି ତ !

## ଅଶ୍ଳୀଳତା ପାଇଁ କାହିଁକି ପଦକ୍ଷେପ ନେଉନି ସଂସ୍କୃତି ବିଭାଗ !

ଯାତ୍ରା ଇଣ୍ଡଷ୍ଟ୍ରୀ ମନୋରଞ୍ଜନର ମୁଖ୍ୟ ମାଧ୍ୟମ ଭାବରେ ଓଡ଼ିଶାର ଏକ ଭରସାଯୋଗ୍ୟ ଅନୁଷ୍ଠାନ । ଅଶ୍ଳୀଳତା ବାବଦରେ ନାନା କଥା ଶୁଣିବାକୁ ମିଳୁଥିଲେ ବି କେହି ଏ ଦିଗରେ ସଚେତନ ନୁହନ୍ତି । ଯାତ୍ରାନୁଷ୍ଠାନ ଓ ଯାତ୍ରା କମିଟି ଏ ଦିଗରେ ଯେଉଁ ପଦକ୍ଷେପ ନେବା କଥା ନେଉନାହାନ୍ତି । ଅଶ୍ଳୀଳ ନାଚର ଆସର ଦିନକୁ ଦିନ ବଢ଼ି ଚାଲିଥିବାବେଳେ କାହାର ନଜର ଏଥିପ୍ରତି ନାହିଁ । ସଂସ୍କୃତି ବିଭାଗ ପାଖରେ ବୁଦ୍ଧିଜୀବୀ ଫୋରମ୍ ମଧ୍ୟ ଏ ବାବଦରେ ଅବଗତ କରାଇ ସାରିଲାଣି । ଓଡ଼ିଶାର କଳା-ସଂସ୍କୃତିକୁ ବଞ୍ଚାଇବାକୁ ହେଲେ ଯଥାଶୀଘ୍ର ସଂସ୍କୃତି ବିଭାଗ ପଦକ୍ଷେପ ନେବା ଜରୁରୀ । କେବଳ ପଦକ୍ଷେପ ନୁହେଁ, କଡ଼ା ପଦକ୍ଷେପ ନେଲେ ପ୍ରଯୋଜକ, ଯାତ୍ରା କମିଟି ତଥା ଦର୍ଶକ ଠିକ ବାଟକୁ ଆସିପାରିବେ ବୋଲି ବୁଦ୍ଧିଜୀବୀ କୁହନ୍ତି ।

## ଯାତ୍ରା କହୁ ସଂସ୍କୃତିର କଥା

ଯାତ୍ରା ନାଟକ କେବଳ ଉଦ୍ଭଟ ସାମାଜିକ କାହାଣୀକୁ ନେଇ ରଚନା କରାଯାଉଥିବାବେଳେ ଏହାର ବାସ୍ତବ ଦିଗ କିଛି ରହୁନାହିଁ । ଅତିରଞ୍ଜିତ ଭାବେ କାହାଣୀ ନନେଇ ବାସ୍ତବଧର୍ମୀ କରିବାର ଆବଶ୍ୟକତା ରହିଛି । ଏମିତି ନୁହେଁ ଯେ ଓଡ଼ିଆ ଯାତ୍ରା ନାଟକ ଭଲ ହେଉନାହିଁ । କତିପୟ ନାଟ୍ୟକାର ନାଟକର ପରୀକ୍ଷାନିରୀକ୍ଷା କରିଛନ୍ତି ଓ ଭଲ ନାଟକ ମଧ୍ୟ ଯାତ୍ରା ଇଣ୍ଡଷ୍ଟ୍ରୀକୁ ଉପହାର ଦେଇଛନ୍ତି । କିନ୍ତୁ ଦେଖିବାକୁ ଗଲେ, ସେଭଳି ନାଟକ ଖୁବ୍ କମ୍ । ନାଟକ ନାଁରେ ଆଜିକାଲି ଅନେକ ନାଟକ କରାଯାଉଛି, ଯାହା କୌଣସି ସାମାଜିକ ବାର୍ତ୍ତା ଦେଲା ଭଳି ପରିଦୃଶ୍ୟ ହେଉନାହିଁ । ଅନେକ ଦାମୀ ନାଟ୍ୟକାର ଯାତ୍ରା ଇଣ୍ଡଷ୍ଟ୍ରୀରେ ରହିଛନ୍ତି, ଯେଉଁମାନେ ଭଲ ନାଟକ ପ୍ରସ୍ତୁତ କରିପାରିବେ । କିନ୍ତୁ ପାରିପାର୍ଶ୍ୱିକ ଅନେକ ଘଟଣା ସେମାନଙ୍କୁ ଭଲ ନାଟକ ଉପହାର ଦେବାକୁ ସାହାଯ୍ୟ କରିପାରୁନି । ଏଥିପାଇଁ ପ୍ରଯୋଜକମାନେ ଯତ୍ନବାନ ହେବା ଦରକାର । ଯାତ୍ରା ଯଦି ନିଜ ସଂସ୍କୃତିର କଥା ଟିକେ କହିପାରିଲାନି, ତା'ହେଲେ ଏଭଳି ଉଦ୍ଭଟ ନାଟକ ପରିବେଷଣ କରି କିଛି ଲାଭ ନାହିଁ ! ବୋଲି କୁହନ୍ତି ବୁଦ୍ଧିଜୀବୀ । ଯାତ୍ରାରେ କେବଳ ସାମାଜିକ ନୁହେଁ ବରଂ ବିଗତ ଦିନମାନଙ୍କର ଐତିହାସିକ ଓ ପୌରାଣିକ ପୃଷ୍ଠଭୂମିକୁ ନେଇ ଅନେକ ନାଟକ ରଚନା କରଯାଇଛି । ଏପରିକି ସାମାଜିକ ନାଟକ ଅପେକ୍ଷା ଦର୍ଶକ ଏହି ନାଟକ ଗୁଡ଼ିକ ଅଧିକ ପସନ୍ଦ କରିଛନ୍ତି । ସେଭଳି ଅନେକ ଦମଦାର କାହାଣୀ ଐତିହାସିକ ଓ ପୌରାଣିକ ପୃଷ୍ଠଭୂମିରେ ରହିଥିଲେ ସୁଦ୍ଧା ଆଜିକାଲି ସେଭଳି ନାଟକ ଦେଖିବାକୁ ମିଳୁନାହିଁ । ଏଣୁ ନାଟ୍ୟକାର, ନିର୍ଦ୍ଦେଶକ ଓ ପ୍ରଯୋଜକମାନେ ଯଦି ଏଥିପ୍ରତି ଦୃଷ୍ଟି ଦିଅନ୍ତେ, ବୋଧହୁଏ ଆମର ଉତ୍ତରପିଢ଼ି ଭଲ ନାଟକ ଦେଖିବାରେ ତଥା ନିଜର ଅସ୍ମିତା ବାବଦରେ ସଚେତନ ହୁଅନ୍ତେ ।

## ଲୋକନୃତ୍ୟର ଉଦ୍ଧାର

ଯାତ୍ରାରେ କେବଳ ଆଧୁନିକ ଗୀତନାଚକୁ ବ୍ୟବସାୟିକ ସଫଳତା ପାଇଁ ପରିବେଷଣ କରାଯାଉଛି । ଏମିତି ପରିବେଷଣ ହେଉଛି ଯେ ଅଶ୍ଳୀଳତାର ସୀମା ଟପିଯାଉଛି । ଆମ ଓଡ଼ିଶାରେ ଅନେକ ଲୋକକଳା ରହିଛି, ଯାହାର ପ୍ରଚାର ପ୍ରସାର ହୋଇପାରୁ ନଥିବା କାରଣରୁ ବିଲୁପ୍ତ ପ୍ରାୟ ହୋଇଗଲାଣି । ଯାତ୍ରା ଏକ ପ୍ରମୁଖ ମନୋରଞ୍ଜନର ମାଧ୍ୟମ ହୋଇଥିବାରୁ ଯଦି ନୃତ୍ୟ ମଧ୍ୟରେ ଲୋକନୃତ୍ୟକୁ କିଛିମାତ୍ରାରେ ସ୍ଥାନ ଦିଆଯାଇପାରନ୍ତା, ତା'ହେଲେ ଓଡ଼ିଶାର ଲୋକନୃତ୍ୟର ପ୍ରଚାର ପ୍ରସାର ହୋଇପାରନ୍ତା ଓ ନିଜ ସଂସ୍କୃତିର ମହକ ବିଚ୍ଛୁରିତ ହୋଇପାରନ୍ତା । କେବଳ ବ୍ୟବସାୟିକ ଲକ୍ଷ୍ୟ ନୁହେଁ, ପ୍ରଯୋଜକମାନେ ଓଡ଼ିଶାର କଳା-ସଂସ୍କୃତିକୁ ବଞ୍ଚେଇବାକୁ ଚେଷ୍ଟା କରିବା ଦରକାର ।

■ ଉତ୍ତମ ଦାସ

## ଆହତ କଳାକାରଙ୍କ ଦୁଃଖ ବୁଝିବ କିଏ ?

ଜୀବନ ଅଛି ମାନେ ନାନାପ୍ରକାର ଦୁର୍ଘଟଣା ବି ରହିଛି । କାହା ଜୀବନରେ କେତେବେଳେ ଦୁର୍ଘଟଣା ଘଟିବ କିଏ ବା ଜାଣିଛି । ଯାତ୍ରା କଳାକାରମାନେ ଅନେକ ସମୟରେ ଦୁର୍ଘଟଣାର ଶିକାର ହୋଇ ପ୍ରାଣହାନି ଘଟୁଥିବା ବେଳେ କେତେକ ବି ଗୁରତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଯାତ୍ରା କଳାକାରଙ୍କର କୌଣସି ବୀମା ନଥିବା କାରଣରୁ ଇଣ୍ଡଷ୍ଟ୍ରିରେ ବଞ୍ଚିବା ମଧ୍ୟ ମୁସ୍କିଲ୍ ହୋଇପଡ଼ିଛି । ଯେହେତୁ ଇଣ୍ଡଷ୍ଟ୍ରିର ମାନ୍ୟତା ଯାତ୍ରା ପାଇନାହିଁ, ସେଥିପାଇଁ ଯାତ୍ରା ପ୍ରଯୋଜକମାନେ କୌଣସି ବୀମା କରି ନଥାନ୍ତି । ସେଥିପାଇଁ ଯେଉଁ କଳାକାରମାନେ ବୀମା ବ୍ୟକ୍ତିଗତ ଭାବରେ କରି ନଥିବେ, ସେମାନେ ଚିକିତ୍ସିତ ହେବାକୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼େ । ଦୁଃସ୍ଥ କଳାକାରମାନେ ଚିକିତ୍ସା ପାଇବାରୁ ମଧ୍ୟ ବଞ୍ଚିତ ହୋଇଥାନ୍ତି । ଯେଉଁମାନଙ୍କର ଚିକିତ୍ସା ହେବା ପାଇଁ ସମ୍ବଳ ନାହିଁ ସେମାନେ କଳାକାରଙ୍କର ଚାନ୍ଦା ଉପରେ ନିର୍ଭର କରିଥାନ୍ତି । କଳାକାରଟିଏ ଅନ୍ୟକୁ ଖୁସି ଦେଇ ଯେତେବେଳେ କୌଣସି ରୋଗ କିମ୍ବା ଦୁର୍ଘଟଣାର ସମ୍ମୁଖୀନ ହୁଏ, ଦୁଃଖ ବୁଝିବାକୁ ପାଖରେ କେହି ନଥାନ୍ତି । ଏଣୁ କଳାକାରଙ୍କ ପାଇଁ ପାର୍ଟି ପକ୍ଷରୁ ବୀମା କରାଯାଇପାରିଲେ, ଆପାତତଃ ବିପଦ ସମୟରେ ସାଥ୍ ପାଇପାରନ୍ତେ ।

## କମୁଛି ନାଟକର ସମୟସୀମା

ଦିନକୁଦିନ ନାଟକର ସମୟସୀମା କମୁଥିବା ଦେଖାଯାଉଛି । ମେଲୋଡିକୁ ଗୁରୁତ୍ୱ ଦିଆଯାଇ ଯେଭଳି ଭାବରେ ନାଟକର ସମୟସୀମାକୁ କମ୍ କରାଯାଉଛି, ନାଟକରେ କାହାଣୀ କି ଚରିତ୍ରକୁ ନ୍ୟାୟ ଦେବାରେ ନାଟ୍ୟକାର ପଛଘୁଞ୍ଚା ଦେବାକୁ ବାଧ୍ୟ ହେଉଛନ୍ତି । ଅନେକ ନାଟକର କାହାଣୀ ଖାପଛଡ଼ା ଲାଗୁଥିବାବେଳେ ନାଟକରେ ଚରିତ୍ର ଓ ଦୃଶ୍ୟର ଆନୁପାତିକ ଭାଗମାପ କମ୍ ରହୁଥିବା ଦେଖାଯାଉଛି । ମେଲୋଡି ଦେଖୁଥିବା ଲୋକଙ୍କ ପାଇଁ ଏହା ହୁଏତ ସୁହାଇପାରେ କାରଣ ସେମାନେ ମେଲୋଡି ଦେଖିସାରିବା ପରେ ପ୍ୟାଭିଲିୟନ ଛାଡ଼ି ଚାଲିଯାଉଛନ୍ତି । ଯେଉଁମାନେ ନାଟକ ଦେଖିବାକୁ ଅପେକ୍ଷା କରି ବସି ରହୁଛନ୍ତି, ଯଦି ସେମାନଙ୍କ ମନଲାଖି ନାଟକ ହୋଇ ନପାରେ, ନିରାଶ ହେବା ବ୍ୟତୀତ ଆଉ କିଛି ଚାରା ନଥାଏ । ଆଜିକାଲି ଟିକେଟର ଦାମ ବୃଦ୍ଧି ମଧ୍ୟ ଦର୍ଶକଙ୍କ ଉପରେ ଚାପ ସୃଷ୍ଟି କରୁଛି । ଯଦି ଏତେ ଟଙ୍କା ଦେଇ ଟିକେଟ କିଣି ଜଣେ ଦର୍ଶକ ନାଟକକୁ ମନଭରି ଉପଭୋଗ କରି ନପାରେ, ତା'ହେଲେ ସେ ଯାତ୍ରାକୁ ଯାଇ ରାତି ଅନିଦ୍ରା ହେବ ବା କାହିଁକି ?

## ଅଧିକ ନଟଙ୍ଗୀ

ଅନେକ ବରିଷ୍ଠ କଳାକାର ନାଟକ କରିବା ନାଁରେ ଅଧିକ ନଟଙ୍ଗୀ କରୁଥିବା ଦେଖାଯାଏ । ଅତି ରଞ୍ଜିତ ଭାବରେ ଚରିତ୍ରକୁ ନେଇ ଯାହାକିଛି କରିବା କଥା ନୁହେଁ କରିଦିଅନ୍ତି । ଦର୍ଶକଙ୍କ ଭାବାବେଗକୁ ଗୁରୁତ୍ୱ ନଦେଇ ନିଜ ମର୍ଜିରେ ଅଧିକ ହାଇଲାଇଟ୍ ପାଇଁ ଯାହା କରି ବସନ୍ତି, ତାହାକୁ ଦର୍ଶକ ଗ୍ରହଣ କରିପାରନ୍ତି ନାହିଁ । ଫଳରେ ଦର୍ଶକ ଥରେ ସେ ଅପେରାର ନାଟକ ଦେଖିଲା ପରେ ଆଉଥରେ ଯିବାକୁ ମନ ବଳାନ୍ତି ନାହିଁ । କଳାକାର ଭାବରେ ଅଭିନୟର ଯେଉଁ ସୀମା ରହିଛି, ତାହା ଟପିଗଲା ପରେ ନାଟକର କେବଳ ମାଧୁର୍ଯ୍ୟ ନଷ୍ଟ ହୁଏନାହିଁ ବରଂ ଦର୍ଶକ ବିରକ୍ତ ପ୍ରକାଶ ମଧ୍ୟ କରନ୍ତି । ଯେଉଁ ଦର୍ଶକଙ୍କୁ ନେଇ କଳାକାର ନିଜର ଲୋକପ୍ରିୟତା ଅର୍ଜନ କରେ, ସେମାନେ ଯଦି ବିତୃଷ୍ଣା ପ୍ରକାଶ କରିବେ, କାହାପାଇଁ ହେବ ନାଟକ ପରିବେଷଣ !

## ଯାତ୍ରା ପାଇଁ ସେନ୍ସର ବୋର୍ଡ

ଓଡ଼ିଆ ଯାତ୍ରା ନାଟକ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି ବୋଲି ଦର୍ଶକ ମତ ଦେଉଛନ୍ତି । ଏହା ଯଦି ସତ ହୋଇଥାଏ, ତାହାର କାରଣ ବି ଖୋଜିବାକୁ ପଡ଼ିବ । ସେମିତି ନୁହେଁ ଯେ ଓଡ଼ିଶାର ଭଲ ନାଟ୍ୟକାର/ନିର୍ଦ୍ଦେଶକ ନାହାନ୍ତି । ବିଭିନ୍ନ କାରଣରୁ ସେମାନେ ମଧ୍ୟ ନାଟକର ଗୁଣବତ୍ତାକୁ ଠିକ କରିପାରୁ ନାହାନ୍ତି । ବିଭିନ୍ନ ଚାପ ସହିତ ଖୁବ୍ କମ୍ ସମୟ ନାଟକ ପାଇଁ ଥିବାରୁ ଚରିତ୍ରକୁ ନ୍ୟାୟ ଦେଇ ପାରୁନାହାନ୍ତି । ନାଟକ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ଆରମ୍ଭରେ ଚରିତ୍ରମାନଙ୍କ ମଧ୍ୟରେ ଦେଖିବାକୁ ମିଳେ, ତାହାର ସମାଧାନ ମଧ୍ୟ କରିବାକୁ ନାଟ୍ୟକାର ସମୟ ପାଇ ନଥାଏ । ନାଟକର ସମୟସୀମା କମିଯାଉଥିବାରୁ ନାଟ୍ୟକାର ଚରିତ୍ରକୁ ନେଇ ସେତିକି ଖେଳି ପାରେନାହିଁ । ଅନେକ ଚରିତ୍ର ଯେଉଁ ସମସ୍ୟାକୁ ନେଇ ନାଟକରେ ଉଭା ହୁଅନ୍ତି, ସେମାନଙ୍କର ଚରିତ୍ର ସହିତ କାହାଣୀର ସମାଧାନ କରୁ କରୁ ରାତି ପାହିଯାଇଥାଏ । ଫଳରେ ଅନେକ ନାଟକ ଅଧା ଦେଖିଲା ଭଳି ଲାଗେ । ନାଟକରେ ଯେଉଁ ଦ୍ୱନ୍ଦ୍ୱ ରହିବା କଥା ଆଜିକାଲି ରହୁନାହିଁ । ଦର୍ଶକଟିଏ ପରବର୍ତ୍ତୀ ଦୃଶ୍ୟରେ କଣ ହେବ ବୋଲି ଯଦି ଉତ୍ସୁକତା ନରହେ, ତାହେଲେ ସଫଳ ଭାବରେ ନାଟକ ହେଲା ବୋଲି କହିହେବନାହିଁ । ସଫଳ ନାଟକଟିଏ ପ୍ରସ୍ତୁତ କରିବାକୁ ଯେତିକି ସମୟ ଦରକାର, ତାହା ମିଳୁ ନଥିବାରୁ ଲେଖକ, ନିର୍ଦ୍ଦେଶକ ମାଲିକର ନିର୍ଦ୍ଦେଶରେ ଖୁବ୍ କମ୍ ସମୟରେ ସାରିବାକୁ ବାଧ୍ୟ ହେଉଛନ୍ତି । ଏଭଳି ଅନେକ ଘଟଣା ଦେଖିଲେ, ଲାଗୁଛି ଯେଉଁମାନଙ୍କ ହାତରେ ଓଡ଼ିଆ ଯାତ୍ରା ନାଟକ ପ୍ରଯୋଜନାର ଭାର ରହିଛି, ସେମାନେ ଯଦି ଏଭଳି ଭାବରେ ଆଉ କିଛି ବର୍ଷ ଯାତ୍ରା ପାର୍ଟି ଚଲାଇବେ, ବୋଧେ ଓଡ଼ିଆ ଯାତ୍ରା ଜଗତ ଓଡ଼ିଆ ସଂସ୍କୃତି ଓ ସାହିତ୍ୟକୁ ବଞ୍ଚାଇବା ବଦଳରେ ଅନେକ କ୍ଷତି କରିବ । ସେଥିପାଇଁ ସରକାର ଯାତ୍ରା ପାଇଁ ମଧ୍ୟ ସେନ୍ସର ବୋର୍ଡ ଗଠନ କରନ୍ତୁ ବୋଲି ଅନେକ ବୁଦ୍ଧଜୀବୀ ମତ ଦେଉଛନ୍ତି । କେଉଁ ପାର୍ଟି କି ନାଟକ କରିବ ପୂର୍ବରୁ ପ୍ରସ୍ତୁତ କରି ଯାଞ୍ଚ ହେବା ଦରକାର । ଯଦି ଓଡ଼ିଆ ଯାତ୍ରା ନାଟକକୁ ଏମିତି ବେଖିଆଲ ଭାବରେ ମଞ୍ଚସ୍ଥ କରାଯିବ କିଛି ବର୍ଷ ପରେ ସାହିତ୍ୟରେ ଥିବା ନାଟକ ବିଭାଗ ଅନ୍ୟ ଭାଷାଭାଷୀ ନାଟକ ସହିତ ସମକକ୍ଷ ହୋଇପାରିବ ନାହିଁ । ଶସ୍ତା ନାଟକ ଗୁଡ଼ିକ ଓଡ଼ିଆ ଅସ୍ମିତାକୁ ନଷ୍ଟ କରିଦେବ ।

# 'ଭାରତ କା ରେହନେୱାଲା ହୁଁ, ଭାରତ କୀ ବାତ ଶୁନାତା ହୁଁ...'

■ ବିକ୍ରମ ଦାଶ

ଗତ ୪ ଅପ୍ରେଲ ୨୦୨୫ ସୂର୍ଯ୍ୟୋଦୟ ପୂର୍ବରୁ ଭାରତ ମାତାର ସୁନାମଧନ୍ୟ ଦେଶପ୍ରେମୀ ସିନେ କୃତୀତ୍ୱ ମନୋଜ କୁମାରଙ୍କ ଦେହାବସାନ ଘଟିଛି । ଚିରନ୍ତନ ଭାରତର କାହାଣୀ କହୁଥିବା ଲୋକଟି ଆଜି ଅନ୍ତର୍ନିହିତ ହୋଇଯାଇଛନ୍ତି । କିନ୍ତୁ ସ୍ମୃତିରେ ସେ ଏମିତି ଜଣେ ଜାଜ୍ଜ୍ୱଲ୍ୟମାନ ଅଭିନେତା ହୋଇରହିବେ ଯିଏ ସବୁବେଳେ କହୁଥିଲେ 'ଭାରତ କା ରେହନେୱାଲା ହୁଁ, ଭାରତ କୀ ବାତ ଶୁନାତା ହୁଁ ।' ଆଜି ଦେଶପ୍ରେମକୁ ବିଭିନ୍ନ ଭାବରେ ଦେଖାଯାଉଛି । ଆଜି ଦେଶ, ରାଷ୍ଟ୍ର, ସମୁଦାୟ ଓ ଜାତି ପାଇଁ ପ୍ରତିବଦ୍ଧତା ଓ ଭଲପାଇବାର ଅର୍ଥ କିଛି ରହୁନି । ସେନାବାହିନୀର ବୀର ସୈନିକ ମାନଙ୍କୁ ମଧ କିଛି ଲୋକ ସମାଲୋଚନା କରିବାକୁ ପଛାଉ ନାହାଁନ୍ତି । ସମଗ୍ର ଦେଶ ଯେତେବେଳେ ପରସ୍ପରକୁ ଠକିବାର ଲିପ୍ତ ଛଳନାପୂର୍ଣ୍ଣ ଆଚରଣ ଭିତରେ ଆବଦ୍ଧ ସେତେବେଳେ ମନୋଜ କୁମାରଙ୍କ ଭଳି ଜଣେ ଅଭିନେତା, ନିର୍ମାତା, ନିର୍ଦ୍ଦେଶକ, କାହାଣୀକାର ଓ ଗୀତିକାର ଅବୁଝା ହୋଇଯିବା କିଛି ଅସ୍ୱାଭାବିକ ନୁହେଁ । ୧୯୬୫ରେ ତାଙ୍କର 'ଶହୀଦ', ୧୯୬୭ରେ 'ଉପକାର', ୧୯୭୦ରେ 'ପୂରବ ୱାର ପଶ୍ଚିମ', ୧୯୭୪ରେ 'ରୋଟି କପଡା ଔର ମକାନ', ୧୯୮୧ରେ 'କ୍ରାନ୍ତୀ', ୧୯୭୭ରେ 'ଶିରିଡ଼ି କେ ସାଇ ବାବା' ହେଉଛି ମନୋଜଙ୍କ ଉଲ୍ଲେଖନୀୟ କୃତୀ । ଶିରିଡ଼ି କେ ସାଇବାବାଙ୍କ ସିନେମାରେ ସେ ସାଇ ବାବାଙ୍କ ମହିମାକୁ ଲୋକପ୍ରିୟ କରିଥିଲେ ।

ବର୍ତ୍ତମାନର ପାକିସ୍ତାନରେ ଥିବା ଆବୋଟାବାଦ ସହରରେ ୨୪ ଜୁଲାଇ ୧୯୩୭ରେ ଜନ୍ମିତ ମନୋଜ କୁମାରଙ୍କ ମୂଳ ନାମ ଥିଲା ହରେକୃଷ୍ଣ ଗିରିଗୋସ୍ୱାମୀ । ୧୯୪୭ର ଦେଶ ବିଭାଜନର ଭୟବହତାକୁ ସେ ଅତି ପାଖରୁ ଦେଖିଥିଲେ । ଜୀବନ ବଞ୍ଚାଇ ସପରିବାର ଦିଲ୍ଲୀରେ ପହଞ୍ଚିଥିଲେ ଏବଂ ଦିଲ୍ଲୀ ବିଶ୍ୱ ବିଦ୍ୟାଳୟରୁ ସ୍ନାତକୋ ଡିଗ୍ରୀ ପରେ ସଂଘର୍ଷମୟ ଜୀବନକୁ ନିଜ ଜୀବନର ସଫଳନାମା ଭାବେ ଗଢ଼ି ତୋଳିବା ପାଇଁ ଆଗେଇ ଥିଲେ । ଭଗତ ସିଂହଙ୍କ ଜୀବନ ଆଧାରିତ 'ଶହୀଦ' ଚଳଚ୍ଚିତ୍ର ତାଙ୍କ ଅସ୍ତିତ୍ୱ ଓ ଅନୁଭବକୁ ପରିବର୍ତ୍ତିତ କରିଦେଇଥିଲା । ତତ୍କାଳୀନ ପ୍ରଧାନ ମନ୍ତ୍ରୀ ଲାଲାବାହାଦୁର ଶାସ୍ତ୍ରୀ ୧୯୬୫ ପାକିସ୍ତାନ ଯୁଦ୍ଧ ସମୟରେ ଦେଇଥିବା ଆହ୍ୱାନ 'ଜୟ ଯବାନ, ଜୟ କିଶାନ'କୁ ନେଇ ଏକ ଚଳଚ୍ଚିତ୍ର ତିଆରି କରିଥିଲେ ତାହାଥିଲା 'ଉପକାର' ଏହି ସିନେମାର କାଳଜୟୀ ଗୀତଟି 'ମେରେ ଦେଶ କୀ ଧରିତ୍ରୀ ସୁନା ଉଗ୍ଲେ ହୀରେ ମୋତି..' ଆଜି ବି ସତେଜ ଓ ସବୁଜ । ୧୯୭୪ରେ 'ରୋଟି, କପଡ଼ା ଔର ମକାନ' ଚଳଚ୍ଚିତ୍ରରେ ବେକାରୀ, କଳା ବଜାରୀ ଓ ଦରଦାମ ବୃଦ୍ଧିକୁ ଅତି ଚମତ୍କାର ଭାବରେ ଦର୍ଶାଇ ଥିଲେ । ୧୯୯୯ରେ ତାଙ୍କ ଶେଷ ସିନେମା ଥିଲା 'ଜୟହିନ୍ଦୀ' । ସମଗ୍ର ଜୀବନ କାଳ ଭିତରେ ସେ ମାତ୍ର ୫୩ଟି ଚିତ୍ରରେ ଅଭିନୟ କରିଥିଲେ । କିନ୍ତୁ ସବୁଯାକ ସିନେମା ଥିଲା କାଳଜୟୀ ଓ କୃତୀତ୍ୱଭରା ।

ବର୍ତ୍ତମାନର ପିଢ଼ି ମନୋଜ କୁମାରଙ୍କୁ ଚିହ୍ନି ନଥିବେ ହୁଏତ ତାଙ୍କ ସିନେମା ବି ଦେଖିନଥିବେ, ଦିନେ ରେଳ ପ୍ଲାଟଫର୍ମରେ ଶୋଇ ସ୍ୱପ୍ନ ଦେଖୁଥିବା, ଇରାନୀ ହୋଟେଲ ବାରଣ୍ଡାରେ ଶୋଇ ସଂଘର୍ଷ କରୁଥିବା ମନୋଜ କୁମାରଙ୍କୁ ଚଳଚ୍ଚିତ୍ର ଦର୍ଶକମାନେ ଆଦରରେ ଆଖ୍ୟାୟିତ କରିଥିଲେ ଭାରତ କୁମାର ହିସାବରେ । ଲୋକଙ୍କ ଏହି ଆଦର ତାଙ୍କୁ ଭାବବିହ୍ୱଳିତ କରୁଥିଲା । ଭାରତ ମାତାକୁ, ଭାରତକୁ, ଭାରତର ଯୁବପିଢ଼ିକୁ ଶିକ୍ଷଣୀୟ ଚଳଚ୍ଚିତ୍ର ଦେଉଥିବା ଏହି ଦେଶପ୍ରେମୀ ସିନେ ମହାନ ବ୍ୟକ୍ତିତ୍ୱଙ୍କୁ ଭକ୍ତିପୂତ ପ୍ରଣାମ ।



**ରୋଟାରୀ କ୍ଲବ, କଟକ - ବାରବାଟୀ, ସିଡ଼ିଏ, କଟକ,**
**ଦୂରଭାଷ : ୯୮୬୧୫୭୫୨୩୭**

ଫ୍ୟାସନ୍

# ହୋମ୍‌ମେଡ୍ ପେଡିକ୍ୟୁର୍






ଗ୍ରୀଷ୍ମ ଋତୁରେ ଅଧିକ ଖରା ହେତୁ ଚେହେରାରେ ଟାନ୍ ପଡ଼ିଥାଏ। ଖାଲି ଚେହେରାରେ ଟାନ୍ ପଡ଼େ ନାହିଁ ବରଂ ହାତ ଓ ପାଦରେ ମଧ୍ୟ ଏହାର ପ୍ରଭାବ ପଡ଼ିଥାଏ। ଖରା ଦିନରେ ସ୍କିନ୍‌ର ଯତ୍ନ ନେବା ଅତ୍ୟନ୍ତ ଆବଶ୍ୟକ। ପାଦକୁ ସଫା ଏବଂ ସୁନ୍ଦର କରିବା ପାଇଁ ଆପଣ ଘରେ ପେଡିକ୍ୟୁର୍ କରିପାରିବେ। ଏହା କରିବା ଅତି ସହଜ ଅଟେ। ପେଡିକ୍ୟୁର୍ କଲେ ନଖ ଏବଂ ଆଙ୍ଗୁଠି ସଫା କରେ ନାହିଁ ବରଂ ଦାଗ ମଧ୍ୟ ଦୂର କରେ। ଏହାକୁ କରିବା ଦ୍ୱାରା ଗୋଇଠି ସଂପୂର୍ଣ୍ଣ ନରମ ହୋଇଯାଏ। ପେଡ଼ିକ୍ୟୁର୍ କରିବା ପୂର୍ବରୁ କେବେ ଗୋଡ଼ ବା ହାତକୁ ୱାକ୍ସିଂ କରିବେ ନାହିଁ। ୱାକ୍ସିଂ କରି ପେଡ଼ିକ୍ୟୁର୍ କଲେ ଇନ୍‌ଫେକ୍ସନ୍ ହୋଇଥାଏ। ଘରୋଇ ଉପଚାରରେ ପେଡ଼ିକ୍ୟୁର୍ କେମିତି କରିବେ ସେ ବିଷୟରେ ତଳେ କିଛି ଟିପ୍ସ ଦିଆଯାଇଛି।

ମହିଳାମାନେ ଅତି ସହଜରେ ଘରୋଇ ଉପଚାରରେ ପେଡ଼ିକ୍ୟୁର୍ କରିପାରିବେ। ପ୍ରଥମେ ନଖରେ ଲଗାଯାଇଥିବା ପୁରୁଣା ନେଲ୍‌ପଲିସ୍‌କୁ ରିମୁଭ୍ କରିନେବେ। ତାହା ପରେ ନିଜ ପସନ୍ଦ ଅନୁସାରେ ନଖକୁ କାଟିବେ। ନଖରେ କିଛି କ୍ରିମ୍ ବା ମହୁ ଲଗାଇ ମାଲିସ୍ କରନ୍ତୁ। ଟବ୍‌ରେ ଉଷୁମ ପାଣି ନେଇ ସେଥିରେ ଲେମ୍ବୁ, ଲୁଣ, ଖାଇବା ଶୋଢ଼ା ଏବଂ ସାମ୍ପୁ ପକାଇବେ। ସେହି ପାଣିରେ ପାଦକୁ ୫ରୁ୬ ମିନିଟ୍ ପର୍ଯ୍ୟନ୍ତ ଭିଜାଇ ରଖିବେ। ଲେମ୍ବୁ ଚର୍ମକୁ ଡି-ଟାନ୍ କରିବା ସହ ଦାଗ ଦୂର କରିଥାଏ। ଲେମ୍ବୁ ଚୋପା ସାହାଯ୍ୟରେ ପାଦକୁ ଧୀରେ ଧୀରେ ଘଷନ୍ତୁ। ଲେମ୍ବୁ ଘଷି ସାରିବା ପରେ ଟୁଥ୍‌ବ୍ରଶ୍ ସାହାଯ୍ୟରେ ନଖ ଓ ଗୋଇଠିକୁ ଭଲ ଭାବେ ସଫା କରିବେ। ଏହା ପରେ ଏକ ନରମ ତଉଲିଆରେ ପାଦକୁ ପୋଛି ଦିଅନ୍ତୁ। ପାଦରେ ନଡ଼ିଆ ତେଲ ନେଇ କିଛି ସମୟ ମସାଜ୍ କରିବେ। ପୁଣି ଏହି ତଉଲିଆକୁ ଉଷୁମ ପାଣିରେ ବୁଡ଼ାଇ ପାଦ ବା ହାତକୁ ପୋଛିନେବେ। ପେଡ଼ିକ୍ୟୁର୍ କରି ସାରିବା ପରେ ପାଦକୁ ଭଲ ଭାବେ ପୋଛି ଏଥିରେ ମଇଶ୍ଚରାଇଜର୍ ଲଗାଇବେ। ମଇଶ୍ଚରାଇଜର୍ ବା ଲୋସନ ପାଦକୁ ଶକ୍ତ କରିଥାଏ। ଆପଣ ଯଦି ମଇଶ୍ଚରାଇଜର୍ ଲଗାଇବେ ନାହିଁ ତେବେ ପେଡ଼ିକ୍ୟୁର୍ ପରେ ପାଦ ଅଧିକ ରୁକ୍ଷାସୁଖା ହୋଇଯାଇଥାଏ।

ଏଭଳି ଭାବେ ଘରେ ପେଡ଼ିକ୍ୟୁର୍ କରନ୍ତୁ। ପେଡ଼ିକ୍ୟୁର୍ ପାଦର ସୁନ୍ଦରତା ବଢ଼ାଇବା ସହ ଡେଡ୍ ସ୍କିନ୍ ଓ ଫଟା ଗୋଇଠିକୁ ମଧ୍ୟ ଭଲ କରିଥାଏ। ବାରମ୍ବାର ପେଡ଼ିକ୍ୟୁର୍ କଲେ ପାଦ ଓ ନଖର ଚମକ ବଢ଼ିଥାଏ। ପେଡ଼ିକ୍ୟୁର୍‌ରେ ପାଦକୁ ମସାଜ କରିବା ଦ୍ୱାରା ଶରୀରକୁ ରିଲାକ୍ସ ମିଳିଥାଏ।

ରୋଷେଇ ଘରୁ

# ମଟନ୍ ପେପର ଫ୍ରାଏ



**ଆବଶ୍ୟକ ସାମଗ୍ରୀ:** ମଟନ୍-୧କିଲୋ, ଗୋଟା ମସଲା-(ଗୋଲମରିଚ ୨ଚାମଚ, ପାନମଧୁରୀ ୧ଚାମଚ, ଜିରା ୧ଚାମଚ, ଧନିଆ ୧ଚାମଚ, ଶୁଖିଲା ଲଙ୍କା-୨ଟା), ଭୁର୍ସୁଙ୍ଗ ପତ୍ର, କଞ୍ଚାଲଙ୍କା-୩ଟା, ରସୁଣ- ୮ରୁ୧୦ କଲି, ଅଦା ରସୁଣ ପେଷ୍ଟ, ପିଆଜ-୪ଟା, ତେଲ, ହଳଦୀ ପାଉଡ଼ର, ଗରମ ମସଲା, ଘିଅ, ଲେମ୍ବୁ ରସ, କଟା ଧନିଆପତ୍ର, ସ୍ୱାଦ ଅନୁଯାୟୀ ଲୁଣ ନେବେ।

**ପ୍ରଣାଳୀ:** ପ୍ରଥମେ ପେପର ମସଲା ପାଇଁ ଗୋଲମରିଚ, ପାନମଧୁରୀ, ଜିରା, ଧନିଆ, ଶୁଖିଲା ଲଙ୍କାକୁ ହାଲୁକା ଭାବେ ଭାଜି ଗ୍ରାଇଣ୍ଡିଂ କରନ୍ତୁ। ପ୍ରେସର୍ କୁକରରେ ତେଲ ଗରମ ହେଲା ପରେ ଏଥିରେ ପାନମଧୁରୀ, ଜିରା, ରସୁଣ, ଭୁର୍ସୁଙ୍ଗପତ୍ର ଓ ପିଆଜ ଦେଇ ଭାଜିବେ। ପିଆଜର କଲର୍ ବ୍ରାଉନ୍ ହୋଇ ଆସିଲେ ସେଥିରେ ମଟନ୍, ଅଦା-ରସୁଣ- କଞ୍ଚାଲଙ୍କା ପେଷ୍ଟ, ହଳଦୀ ପାଉଡ଼ର, ଗରମ ମସଲା, ଲୁଣ ପକାଇ ୫ରୁ୬ ମିନିଟ୍ ପାଇଁ ଗୋଳାନ୍ତୁ। ଏଥିରେ ଗରମ ପାଣି ୨କପ୍ ଦେଇ ୩ରୁ୪ଟି ସିଟି ଦେବେ। ସିଟି ଦେବା ପରେ ପ୍ରେସର୍ କୁକରକୁ ଖୋଲି ଏଥିରେ ଗ୍ରାଇଣ୍ଡିଂ କରି ରଖିଥିବା ପେପର୍ ମସଲା, ଭୁର୍ସୁଙ୍ଗପତ୍ର, କଞ୍ଚାଲଙ୍କା ଦେଇ ଏହାକୁ ଫ୍ରାଏ ହେବା ପର୍ଯ୍ୟନ୍ତ କଷନ୍ତୁ। ସେଥିରେ ଘିଅ, କଟା ଧନିଆପତ୍ର ଓ ଲେମ୍ବୁରସ ଦେଇ ଏହାକୁ ମିକ୍ସ କରିନେବେ। ଏହାକୁ ଭାତ, ରୁଟି, ନାନ୍ ବା ପରଟା ସହିତ ଖାଇପାରିବେ।

## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍: ୯୭୭୭୨୫୨୨୪୦

**ମେଷ** — ସପ୍ତାହଟି କର୍ମକ୍ଷେତ୍ରରେ ଉନ୍ନତି,ବ୍ୟବସାୟରେ ଲାଭବାନ ହେବେ। ସାମାଜିକ ମାନସମ୍ମାନ ବୃଦ୍ଧିପାଇବ। ଧନଲାଭର ସୁଯୋଗ ଆସିବ। ପାରିବାରିକ ସହଯୋଗ ମିଳିବ। ନୂତନ ଦ୍ରବ୍ୟ ଲାଭ ହେବ। ମହିଳାମାନେ ଆନନ୍ଦିତ ହେବେ।

**ବୃଷ** — ସପ୍ତାହଟି ବ୍ୟବସାୟରେ ସଫଳତା ମିଳିବ। ବିରୋଧୀମାନେ ହଇରାଣ କରିବାର ସମ୍ଭାବନା ଅଧିକ। ପାରିବାରିକ ଅଶାନ୍ତି ବୃଦ୍ଧିପାଇବ। ମାନସିକ ଅଶାନ୍ତି ବୃଦ୍ଧିପାଇବ। ଅର୍ଥ ବ୍ୟୟ ହେବାର ସମ୍ଭାବନା ଅଧିକ। ବନ୍ଧୁ ସହଯୋଗ ମିଳିବ।

**ମିଥୁନ** — ସପ୍ତାହଟି ଅର୍ଥଲାଭର ସୁଯୋଗ ଆସିବ। ଶତ୍ରୁମାନେ ପରାଜିତ ହୋଇପାରନ୍ତି। ଶାରୀରିକ ଅସୁସ୍ଥତା ବୃଦ୍ଧିପାଇବ। ଭ୍ରାତୃବିବାଦ ଦେଖାଦେଇପାରେ। ମହିଳାମାନେ ସୁଖୀ ରହିବେ। ବ୍ୟବସାରେ ଲାଭବାନ ହେବେ।

**କର୍କଟ** — ସପ୍ତାହଟି ଆର୍ଥିକ ଅବସ୍ଥା ସୁଦୃଢ଼ ହେବ। ମାନସମ୍ମାନ ବୃଦ୍ଧିପାଇବ। ବଳିଷ୍ଠ ବ୍ୟକ୍ତିଙ୍କ ସହଯୋଗ ମିଳିବ। ବାଦବିବାଦ ବୃଦ୍ଧିପାଇବ। ସନ୍ତାନମାନଙ୍କ ପାଇଁ ଚିନ୍ତିତ ରହିବେ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ସଫଳତା ଲାଭ କରିବେ।

**ସିଂହ** — ସପ୍ତାହଟି ଅବରୋଧ ହୋଇଥିବା କାର୍ଯ୍ୟରେ ଉନ୍ନତି ହେବ। ଇଚ୍ଛିତ କାର୍ଯ୍ୟରେ ସଫଳତା ଲାଭ କରିବେ। ଗୃହ, ଭୂମି କ୍ରୟର ସୁଯୋଗ ଆସିପାରେ। ବେକାରମାନଙ୍କୁ କର୍ମସଂସ୍ଥାନ ମିଳିବ। ପାରିବାରିକ ଅସନ୍ତୋଷ ବୃଦ୍ଧିପାଇବ।

**କନ୍ୟା** — ସପ୍ତାହଟି କର୍ମକ୍ଷେତ୍ରରେ ବାଧାବିଘ୍ନ ଦୂରହେବ। ଅର୍ଥଲାଭର ସୁଯୋଗ ଆସିବ। ନୂତନ ଦ୍ରବ୍ୟ ଲାଭ କରିପାରନ୍ତି। ମାନସିକ ଶାନ୍ତି ମିଳିବ। ମାନସମ୍ମାନ ବୃଦ୍ଧି ହେବ। ବନ୍ଧୁ ସହଯୋଗ ମିଳିବ। ମହିଳାମାନେ ସୁଖୀ ରହିବେ।

**ତୁଳା** — ସପ୍ତାହଟି ବ୍ୟବସାୟରେ ପ୍ରଚୁର ଲାଭ ହେବ। ନୂତନ କର୍ମସଂସ୍ଥାନ ପ୍ରାପ୍ତିର ଯୋଗ ରହିଛି। ପାରିବାରିକ ସୁଖ ବୃଦ୍ଧିପାଇବ। ଶତ୍ରୁମାନେ ପରାଜିତ ହେବେ। ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା କରିପାରନ୍ତି।

**ବିଛା** — ସପ୍ତାହଟି କଠିନ ପରିଶ୍ରମରେ ସଫଳତା ଲାଭ ହେବ। ବିଶିଷ୍ଟ କାର୍ଯ୍ୟରେ ଉନ୍ନତି ହୋଇପାରେ। ଶାରୀରିକ ସୁସ୍ଥତା ବୃଦ୍ଧିପାଇବ। ପାରିବାରିକ ସହଯୋଗ ମିଳିବ। ବ୍ୟବସାୟରେ ସାମାନ୍ୟ ଲାଭ ହୋଇପାରେ।

**ଧନୁ** — ସପ୍ତାହଟିରେ ପରିଶ୍ରମ ହେତୁ ସାଫଲ୍ୟତା। ବିଶିଷ୍ଟ କ୍ଷେତ୍ରରେ ଉନ୍ନତି ହୋଇପାରେ। ଶାରୀରିକ ସୁସ୍ଥତା ବୃଦ୍ଧିପାଇବ। ପାରିବାରିକ ସହଯୋଗ ପାଇବେ। ବେପାରରେ ଅଳ୍ପ ଲାଭ ହେବ।

**ମକର** — ସପ୍ତାହଟି କର୍ମକ୍ଷେତ୍ରରେ ଅଶାନ୍ତି ହେବ। ବ୍ୟବସାୟରେ ବାଧା, ବିଘ୍ନ ଆସିବ। ଅପବ୍ୟୟର ସୂଚନା ମିଳେ। ଶତ୍ରୁ ବୃଦ୍ଧି ହେବେ। ମାଲି ମକଦ୍ଦମାରେ ହଇରାଣ ହୋଇପାରନ୍ତି। ଛାତ୍ରଛାତ୍ରୀମାନଙ୍କର ଶିକ୍ଷାରେ ବାଧା ବିଘ୍ନ ସୃଷ୍ଟି ହେବ।

**କୁମ୍ଭ** — ସପ୍ତାହଟିରେ ବ୍ୟବସାୟରେ ଲାଭବାନ ହେବେ। ଧନ ସମ୍ପତ୍ତି ବୃଦ୍ଧିପାଇପାରେ। ମାନସମ୍ମାନ ବଢ଼ିବ। କର୍ମକ୍ଷେତ୍ରରେ ଉନ୍ନତି ହେବ। ବନ୍ଧୁ ସହଯୋଗ ମିଳିବ। ପାରିବାରିକ ଶାନ୍ତି ବୃଦ୍ଧିପାଇବ।

**ମୀନ** — ସପ୍ତାହଟି ଆକସ୍ମିକ ଅର୍ଥ ଲାଭ ହୋଇପାରେ। ଧନ୍ୟଧାନ୍ୟ ବୃଦ୍ଧିପାଇବ। ବନ୍ଧୁ ସହଯୋଗ ମିଳିବ। କର୍ମକ୍ଷେତ୍ରରେ ଉନ୍ନତି ଆସିବ। ମାନସମ୍ମାନ ବୃଦ୍ଧିପାଇପାରେ। ମହିଳାମାନେ ସୁଖୀ ରହିବେ।

ପର୍ଯ୍ୟଟନ

# ଜୁନାଗଡ଼



ଭାରତରେ ଅନେକ ଦର୍ଶନୀୟ ସ୍ଥାନ ଅନେକ କିଛି ବିଶେଷତ୍ୱ ନେଇ ରହିଥାଏ। ଏହାର ଐତିହାସିକ, ପାରମ୍ପାରିକ, ସାଂସ୍କୃତିକ ସମାହାରକୁ ନେଇ ରହିଥାଏ ପରିଚିତ। ସେହିଭଳି ଜୁନାଗଡ଼ ସହର ଓ ଏହାର ଆଖପାଖରେ ଅନେକ ସୁନ୍ଦର ଦର୍ଶନୀୟ ସ୍ଥାନ ରହିଛି। ଗୁଜରାଟ ରାଜ୍ୟର ଏହି ସହରଟି ବିବିଧତାର ଏକ ଗନ୍ତାଘର କହିଲେ ଭୁଲ୍ ହେବ ନାହିଁ। ଧର୍ମ, ଇତିହାସ, ପ୍ରାକୃତିକ ସୌନ୍ଦର୍ଯ୍ୟ, ମନ୍ଦିର ଆଦି ଦୃଷ୍ଟିରୁ ଏହି ସ୍ଥାନଟିର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଗିର୍‌ନାର ସୀମାରେ ଅବସ୍ଥିତ ଜୁନାଗଡ଼କୁ ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ଭ୍ରମଣରେ ଆସିଥାନ୍ତି। ଖ୍ରୀ.ପୂ. ୩୨୦ରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଏହି ସହର ନିକଟରେ ନିର୍ମାଣ କରିଥିଲେ ଉପରକୋଟ ଦୁର୍ଗ। ଏହା ହିଁ ଏହି ସହରର ନାମକରଣ ପଛରେ ଥିବା କାରଣ। ଜୁନାଗଡ଼ ସହରର କେନ୍ଦ୍ରସ୍ଥଳରେ ରହିଛି ଏହି ବହୁ ପ୍ରାଚୀନ ଦୁର୍ଗ।

## ପରିବେଷ୍ଟିତ ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳ

ନବଘନ କୁଆଁ ଓ ଅଡି-କଡ଼ି ବବ ଏହି ସହରର ଦୁଇ ପ୍ରାଚୀନ କୂଅ। ଏହି ଦୁଇଟି କୂଅ ନିର୍ମାଣ କରାଯାଇ ନାହିଁ ବରଂ କଠିନ ଚଟାଣକୁ କାଟିବା ଦ୍ୱାରା ଚଟାଣର କେନ୍ଦ୍ରରେ ୧୭୦ ଫୁଟ ଗଭୀର ରସାତଳୁ ପାଣି ଝରିଆସିଥିଲା। ଜୁନାଗଡ଼ ସହରର ଅନତି ଦୂରରେ ରହିଛି ଗିର୍ ଜାତୀୟ ଉଦ୍ୟାନ। ବିଲୁପ୍ତପ୍ରାୟ ଏସିଆ ମହାଦେଶୀୟ ସିଂହଙ୍କ ଲୋକପ୍ରିୟ ସଂରକ୍ଷିତ ସ୍ଥାନ ଭାବରେ ଏହାର ପ୍ରସିଦ୍ଧି ରହିଛି। ପାନିୟା ବନ୍ୟଜୀବ ଅଭୟାରଣ୍ୟ ଓ ମିତିୟାଲା ବନ୍ୟଜୀବ ଅଭୟାରଣ୍ୟ ଆଉ ଦୁଇଟି ଉଲ୍ଲେଖନୀୟ ଦର୍ଶନୀୟ ସ୍ଥାନ। ଜୁନାଗଡ଼ରେ ମଧ୍ୟ ରହିଛି ସମ୍ରାଟ ଅଶୋକଙ୍କ ଶିଳାଲେଖ ଭଳି ଐତିହାସିକ ସ୍ଥଳ ଓ ଜାମା ମସ୍‌ଜିଦ। ବୌଦ୍ଧ ଓ ଇସ୍‌ଲାମ ଧର୍ମାବଲମ୍ବୀଙ୍କ ପାଇଁ ଏହି ଦୁଇଟି ସ୍ଥାନ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ।

## କଥା କିଛି ଇତିହାସର

ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଓ ସମ୍ରାଟ ଅଶୋକଙ୍କ ଶାସନ ସମୟରୁ ଜୁନାଗଡ଼ ସହରର ଅସ୍ତିତ୍ୱ ରହିଛି। ମହମ୍ମଦ ବାହାଦୁର ଖାନ୍‌ଜୀଙ୍କ ରାଜତ୍ୱ ସମୟରେ ଆଧୁନିକ ଜୁନାଗଡ଼ ସହରର ସ୍ଥାପନା କରାଯାଇଥିଲା। ସେ ବାବୀ ରାଜବଂଶର ମୂଳଦୁଆ ପକାଇଥିଲେ। ବ୍ରିଟିଶ୍ ସରକାର ଜୁନାଗଡ଼କୁ ଏକ ସାମନ୍ତ ରାଜ୍ୟ ଘୋଷଣା କରିବା ପର୍ଯ୍ୟନ୍ତ ସେ ଥିଲେ ଏହି ସ୍ଥାନର ଶାସକ। ବୌଦ୍ଧ ଓ ଇସ୍‌ଲାମ ଧର୍ମ ବ୍ୟତୀତ ଜୈନ ଓ ହିନ୍ଦୁ ଧର୍ମାବଲମ୍ବୀଙ୍କ ପାଇଁ ମଧ୍ୟ ଜୁନାଗଡ଼ ଆକର୍ଷଣର କେନ୍ଦ୍ରବିନ୍ଦୁ। ଯେଉଁ ସମୟରେ ଯେଉଁ ଧର୍ମର ଗୁରୁ, ପ୍ରଚାରକ ଆସିଛନ୍ତି ଏହି ସହରରେ କିଛି ନା କିଛି ପାଦଚିହ୍ନ ଛାଡ଼ି ଯାଇଛନ୍ତି। ପଥର ଚଟାଣ ଖୋଦେଇ କରି ନିର୍ମିତ ବୌଦ୍ଧ ଗୁମ୍ଫା ଏହି ସ୍ଥାନର ଅନ୍ୟତମ ଆକର୍ଷଣ। ଏହି ସବୁ ଗୁମ୍ଫା କାନ୍ଥରେ ନାନା ପ୍ରକାର ଚିତ୍ରକଳା ଅଙ୍କିତ ହୋଇଥିବା ଦେଖିବାକୁ ମିଳେ। ଅଶୋକଙ୍କ ଆଦେଶପତ୍ରର ୩୩ଟି ଶିଳାଲେଖରୁ ୧୪ଟି ଉପରକୋଟ ଓ ଏହାର ଆଖପାଖରେ ରହିଛି। ସହରର ଶୀର୍ଷରେ ରହିଛି ମାଉଣ୍ଟ୍ ଗିର୍‌ନାର। ଏହା ହିନ୍ଦୁ ଓ ଜୈନ ଧର୍ମାବଲମ୍ବୀଙ୍କ ପାଇଁ ଏକ ପବିତ୍ର ତୀର୍ଥସ୍ଥଳ।


### ଗୋଣ୍ଡଲ୍

ଜୁନାଗଡ଼ ଓ ଏହାର ଆଖପାଖ ଅଞ୍ଚଳ ବୁଲି ଦେଖିବା ପରେ ଆପଣ ସମୟ ବାହାର କରି ଏଠାରୁ ୬୩ କିଲୋମିଟର ଦୂରସ୍ଥିତ ଗୋଣ୍ଡଲ୍ ଯାତ୍ରା କରିପାରିବେ। ୧୬୪୩ରେ ଠାକୁର ଶ୍ରୀ କୁମ୍ଭୋଜୀ ମେରାମଞ୍ଜିଙ୍କ ଦ୍ୱାରା ଏହି ସହର ସ୍ଥାପିତ ହୋଇଥିଲା। ପରେ ସାର୍ ଭାଗବତ ସିଂହଜୀଙ୍କ ସମୟରେ ଏହି ସହରଟି ଖ୍ୟାତିଲାଭ କରିଥିଲା। ଭାଗବତ ସିଂହଜୀ ତାଙ୍କର ପୁତ୍ର ଯୁବରାଜ ଭୋଜରାଜୀଙ୍କ ନିମନ୍ତେ ନିର୍ମାଣ କରିଥିବା ରିଭର୍ ସାଇଡ୍ ମହଲ ବର୍ତ୍ତମାନ ମଧ୍ୟ ଅକ୍ଷୁଣ୍ଣ ରହିଛି। ତେବେ ଆଜିକାଲି ଏହା ଏକ ବିଳାସପୂର୍ଣ୍ଣ ହୋଟେଲ ଭାବେ ଖ୍ୟାତିଲାଭ କରିଛି। ଗୋଣ୍ଡଲ ସହରରେ ଆପଣ ପ୍ରାଚୀନ ଉପନିବେଶୀୟ ଶୈଳୀର ଫର୍ଣ୍ଣିଚର, ଝୁମର ଏବଂ ଅନ୍ୟାନ୍ୟ ଗୃହସଜ୍ଜା ସାମଗ୍ରୀର ସମ୍ଭାର ଦେଖିବାକୁ ପାଇବେ। ୧୭ଶ ଶତାବ୍ଦୀରେ ନିର୍ମିତ ନବଲଖା ମହଲ ଆଜି ମଧ୍ୟ ପର୍ଯ୍ୟଟକଙ୍କ ନିମନ୍ତେ ଏକ ପ୍ରମୁଖ ଆକର୍ଷଣୀୟ ସ୍ଥାନ। ଏହି ମହଲ ନିର୍ମାଣରେ ନ' ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାରୁ ଏହାର ନାମକରଣ ଏଭଳି ହୋଇଛି ବୋଲି କୁହାଯାଏ। ପଥର କାନ୍ଥରେ ଅଦ୍ଭୁତ ଚିତ୍ରକଳା, ବାଲ୍‌କୋନୀର ଝରକା, ଗୋଲାକାର ସିଡ଼ି, ବର୍ତ୍ତମାନର ରାଜପରିବାର ରହୁଥିବା ହଜୁର ମହଲର ପୁରୁଣା ଫର୍ଣ୍ଣିଚର, ଚିତ୍ରକଳା ଓ ସୁନ୍ଦର ବଗିଚା ମଧ୍ୟ ଗୋଣ୍ଡଲ୍ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସ୍ୱାମୀ ନାରାୟଣ ମନ୍ଦିର 'ଅକ୍ଷର ମନ୍ଦିର' ଏଠାକାର ଆଉ ଏକ ପ୍ରମୁଖ ଦର୍ଶନୀୟ ସ୍ଥାନ।

### କେମିତି ଯିବେ

ଜୁନାଗଡ଼ର ନିକଟତମ ବିମାନ ବନ୍ଦର ରହିଛି ରାଜକୋଟରେ। ଜୁନାଗଡ଼ ମଧ୍ୟ ଗୁଜରାତର ଅନ୍ୟ ସହରଗୁଡ଼ିକ ସହ ଉତ୍ତମ ରେଳ ଓ ସଡ଼କପଥରେ ସଂଯୁକ୍ତ। ଏଠାକୁ ଆସିବା ପରେ ଆପଣ ଟ୍ୟାକ୍ସି କିମ୍ବା ବସ୍ ଯୋଗେ ଗୋଣ୍ଡଲ୍ ଯାଇପାରିବେ।













ମନୋରଞ୍ଜନ



# ରିୟଲିଟି ଶୋ' ରଜ କୁଇନ୍

ଏପ୍ରିଲ ୧୯ ତାରିଖରୁ ପ୍ରତି ଶନିବାର ଓ ରବିବାର ରାତି ୯.୩୦ରେ ଜୀ ସାର୍ଥକରେ ପ୍ରସାରିତ ହେବ ରଜ କୁଇନ୍। ଅଭିନେତ୍ରୀ ହେବାର ସ୍ୱପ୍ନ ଦେଖୁଥିବା ଝିଅଙ୍କ ପାଇଁ ପୁଣି ଫେରିଛି ଓଡ଼ିଶାର ୧ ନମ୍ବର ରିୟଲିଟି ଶୋ' 'ରଜ କୁଇନ୍'। ଅତୀତରେ ଏହି ଶୋ' ଇଣ୍ଡଷ୍ଟ୍ରିକୁ ଦେଇଛି ଅନେକ ବଛା ବଛା ଅଭିନେତ୍ରୀ। ତେଣୁ ସବୁ ବର୍ଷ ଅନେକ ଆଶାୟୀ ପ୍ରାର୍ଥୀ ଏହି ଶୋ'ରେ ଭାଗ ନେବାକୁ ଚାହିଁ ରହିଥାନ୍ତି। ତେବେ ଚଳିତ ବର୍ଷ ମଧ ବଡ଼ ଧୁମ୍‌ଧାମ୍‌ର ସହିତ ଆୟୋଜନ ହେବାକୁ ଯାଉଛି ସମସ୍ତଙ୍କ ମନପସନ୍ଦର ରିୟଲିଟି ଶୋ' 'ରଜ କୁଇନ୍' ଯାହାର ଅଡିସନ୍ ସରିଯାଇଛି। ଜଗତସିଂହପୁର, ଯାଜପୁର, ଢେଙ୍କାନାଳ, ପୁରୀ, ଭୁବନେଶ୍ୱର, ବାଲେଶ୍ୱର, କେଉଁଝର, ରାଉରକେଲା, ଭଦ୍ରକ, ଅନୁଗୁଳ ଓ କଟକରେ ଅନୁଷ୍ଠିତ ହୋଇ ବଛା ଯାଇଥିବା ପ୍ରତିଯୋଗୀମାନଙ୍କୁ ନେଇ ଆରମ୍ଭ ହେବ 'ରଜ କୁଇନ୍ ୨୦୨୫'। ଚଳିତ ବର୍ଷ ଜଜ୍ ଭାବରେ ନଜର ଆସିବେ ଆମ ସମସ୍ତଙ୍କ ପ୍ରିୟ ଲିପି ମହାପାତ୍ର, ଶ୍ରୀତମ ଦାସ, ଦେବାଶିଷ ପାତ୍ର ଓ ମେଣ୍ଟର ଭାବରେ ଓଲିଉଡ୍ ଇଣ୍ଡଷ୍ଟ୍ରିର ପ୍ରତିଷ୍ଠିତ ହିରୋଇନ ଦିବ୍ୟା, ସୂର୍ଯ୍ୟମୟୀ, ଅନୀଷା ଓ ଅନୁଭା। ୧୫ରୁ ୨୫ ବର୍ଷ ମଧ୍ୟର ଆଶାୟୀ ପ୍ରାର୍ଥୀମାନେ ଅଡିସନ୍ ଦେଇ ଅଭିନେତ୍ରୀ ହେବାର ଦେଖିଥିବା ସ୍ୱପ୍ନକୁ ପୂରା କରିପାରିବେ ୧୩ତମ 'ରଜ କୁଇନ୍' ଜରିଆରେ।



# ଟିଆର୍‌ପି ସୂଚୀରେ ପ୍ରଥମ ଶୋ'

ଲଗାତର ୧୪ ସପ୍ତାହ ଧରି ଟିଆର୍‌ପି ସୂଚୀର ପ୍ରଥମ ସ୍ଥାନରେ ରହୁଥିଲେ ଦୁଇଟି ଶୋ'- ଅନୁପମା ଓ 'ୟେ ରିସ୍ତା କ୍ୟା କହଲାତା ହେ'। କିନ୍ତୁ ଏ ସପ୍ତାହରେ ଏହି ଦୁଇଟି ଶୋ'କୁ ପଛରେ ପକାଇ ନେହା ହରସୋରା ଓ କନ୍‌ୱର ଢିଲୋଁଙ୍କ ଶୋ' 'ଉଡ୍‌ନେ କି ଆଶା' ଆଗରେ ରହିଛନ୍ତି। ସେହିପରି 'ଲକ୍ଷ୍ମୀ କା ସଫର୍' ମଧ ଶୀର୍ଷ ପାଞ୍ଚଟି ଶୋ' ମଧରେ ରହିଛି। ଶୀର୍ଷ ସ୍ଥାନରେ ରହୁଥିବା ଧାରାବାହିକ 'ଅନୁପମା' ଲିପ୍ ପରେ ଦ୍ୱିତୀୟ ସ୍ଥାନରେ ରହିଛି। 'ୟେ ରିସ୍ତା କ୍ୟା କହଲାତା ହେ'କୁ ପଛରେ ପକାଇ ତୃତୀୟ ସ୍ଥାନରେ ରହିଛି 'ଲକ୍ଷ୍ମୀ କା ସଫର୍'। ଗତ ସପ୍ତାହରେ ଏହି ଶୋ'ଟି ରହିଥିଲା ଚତୁର୍ଥ ସ୍ଥାନରେ। କିନ୍ତୁ ଏବେ ଏହାର କନ୍‌ସେପ୍ଟକୁ ଦର୍ଶକମାନେ ଖୁବ୍ ପସନ୍ଦ କରୁଛନ୍ତି। 'ୟେ ରିସ୍ତା....ଶୋ'ର ରୁହୀ, ଅରମାନ ଓ ଅଭୀରାଙ୍କ ଟ୍ରାଏଙ୍ଗଲ୍ ଲୋକଙ୍କୁ ଖାସ୍ ପସନ୍ଦ ଆସୁନାହିଁ। ଏ ସପ୍ତାହରେ ପଞ୍ଚମ ସ୍ଥାନରେ ରହିଛି ଦୀପିକା ସିଂହ, ସୋନିକା ଅମିତ, ନମନ ଶ ଓ ଶିଭମ୍ ଦୀପ୍ତା ଅଭିନୀତ 'ମଙ୍ଗଲ୍ ଲକ୍ଷ୍ମୀ'। ଷଷ୍ଠ ସ୍ଥାନରେ 'ଯାଦୁ ତେରୀ ନଜର', ସପ୍ତମ ସ୍ଥାନରେ 'ଆଡ୍‌ଭୋକେଟ୍ ଅଞ୍ଜଲି ଅବସ୍ଥି', ଅଷ୍ଟମ ସ୍ଥାନରେ 'ଝନ୍‌କା', ନବମ ସ୍ଥାନରେ 'ଧର୍‌ତୀ ପୁତ୍ର ନନ୍ଦନ'। ଦଶମ ସ୍ଥାନରେ ରହିଛି କଲର୍ସ ଟିଭି ଶୋ' 'ମନ୍ନତ'।







# 'ନୋ ଏଣ୍ଟ୍ରି-୨'ରେ ବରୁଣ, ଅର୍ଜୁନ ଓ ଦିଲ୍‌ଜିତ

ପ୍ରସିଦ୍ଧ କମେଡି ଫିଲ୍ମ 'ନୋ ଏଣ୍ଟ୍ରି'ର ସିକ୍ୱେଲ୍‌ର ନିର୍ମାଣ ହେବା ଏକ ପ୍ରକାର ସୁନିଶ୍ଚିତ ହୋଇସାରିଛି ଯେଉଁଥିରେ ନଜର ଆସିବେ ବଡ ବଡ଼ କଳାକାରମାନେ। ଏହି ଫିଲ୍ମର ପରବର୍ତ୍ତୀ ନାମ ହେଉଛି ତମନ୍ନା ଭାଟିଆ। ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିବେ ବରୁଣ ଧୱନ, ଅର୍ଜୁନ କପୁର ଓ ଦିଲ୍‌ଜିତ ଦୋସାଂଝ। ଏହି କଳାକାରମାନଙ୍କର ସଠିକ୍ କମିକ୍ ଟାଇମିଂ ଓ ସ୍କ୍ରିନ୍ ପ୍ରେଜେନ୍ସ ଦର୍ଶକମାନଙ୍କର ଉତ୍ସାହ ବୃଦ୍ଧି କରୁଛି। ୨୦୦୫ରେ ରିଲିଜ ହୋଇଥିଲା 'ନୋ ଏଣ୍ଟ୍ରି' ଯେଉଁଥିରେ ମୁଖ୍ୟ ଭୂମିକାରେ ନଜର ଆସିଥିଲେ ସଲମାନ ଖାନ, ଅନିଲ କପୁର ଓ ଫାର୍‌ଦିନ ଖାନ। ତେବେ ଏମାନଙ୍କୁ ନେଇ ଫିଲ୍ମର ପାର୍ଟ-୨ର ନିର୍ମାଣ ହେବ ନାହିଁ ବୋଲି ନିର୍ମାତା ବୋନି କପୁର ପୂର୍ବରୁ କହିସାରିଛନ୍ତି। ଏହାର କାରଣ ଡେଟ୍ସକୁ ନେଇ ରହିଛି ସମସ୍ୟା। କାରଣ ଫିଲ୍ମର ସୁଟିଂ ପାଇଁ ଆବଶ୍ୟକ ୨୦୦ ଦିନର ଜଏଣ୍ଟ ଡେଟ୍ସ। ତେବେ ଆସନ୍ତା ବର୍ଷର ମଧଭାଗରେ 'ନୋ ଏଣ୍ଟ୍ରି-୨'ର କାମ ଆରମ୍ଭ ହେବ। ବର୍ତ୍ତମାନର ଖବର ଅନୁସାରେ ତମନ୍ନା ଭାଟିଆ ଏହି କମେଡି ଜନର୍‌ର ମୁଖ୍ୟ ଭୂମିକାରେ ନଜର ଆସିବେ ଯେଉଁଥି ପାଇଁ ସେ ଖୁବ୍ ଉତ୍ସାହିତ ଅଛନ୍ତି। ଏହାର ପ୍ରଥମ ଭାଗରେ ମୁଖ୍ୟ ଭୂମିକାରେ ନଜର ଆସିଥିଲେ ଅଭିନେତ୍ରୀ ବିପାଶା ବସୁ। ତମନ୍ନା ଫିଲ୍ମ 'ରେଞ୍ଜର୍'କୁ ନେଇ ବ୍ୟସ୍ତ ଅଛନ୍ତି ଯେଉଁଥିରେ ତାଙ୍କ ସହିତ ଅଛନ୍ତି ଅଜୟ ଦେବଗନ।





# ଓଟିଟିରେ ରିଲିଜ ହେବ 'ପାୱାର'

ସମୟ ବଦଳିବା ସହିତ ଓଡ଼ିଆ ସିନେଜଗତରେ ସିନେପ୍ରେମୀଙ୍କର ସ୍ୱାଦ ମଧ ବଦଳିଛି। ଏବେ ନିଛକ ଓ ବାସ୍ତବବାଦୀ ଚଳଚ୍ଚିତ୍ରର ରୁଚି ଖୁବ୍ ଅଧିକ ରହିଛି ବଡ଼ ପରଦାରେ। କହିବାକୁ ଗଲେ ଏହାର ଆରମ୍ଭ ହୋଇଥିଲା ଏକ ବାସ୍ତବବାଦୀ ଚଳଚ୍ଚିତ୍ରରୁ ଯାହା ଦେଶ-ବିଦେଶରେ ସୁନାମ ଅର୍ଜନ କରିଥିଲା ଯେଉଁଥିରେ ମୁଖ୍ୟ ଭୂମିକାରେ ନଜର ଆସିଥିଲେ ସୁପର୍‌ଷ୍ଟାର୍ ବାବୁଶାନ୍ ମହାନ୍ତି। ଫିଲ୍ମ ଥିଲା 'ଦମନ'। ତେବେ ବାବୁଶାନ୍ ମହାନ୍ତିଙ୍କ ପ୍ରଶଂସକ ଏହାପରେ ତାଙ୍କର ଅଭିନୀତ ଫିଲ୍ମ ଦେଖିବାକୁ ଚାହିଁ ରହିଛନ୍ତି। ଖୁସିର କଥା ଖୁବ୍ ଶୀଘ୍ର ରିଲିଜ୍ ହେବାକୁ ଯାଉଛି ଚଳଚ୍ଚିତ୍ର 'ପାୱାର'। ସିନେମାଟି ଆଓ ନେକ୍ସଟ୍ ଓଟିଟିରେ ଡିଜିଟାଲି ୨୩ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ଯାହାର ମଜା ଉଠାଇ ପାରିବେ ୟୁଜର୍‌ମାନେ। ଏହି ସିନେମାର ନିର୍ଦ୍ଦେଶକ ଅଛନ୍ତି ଅଶୋକ ପତି ଓ ଏହାର ପ୍ରଯୋଜକ ତ୍ରିପ୍ତି ଶତପଥୀ। ମୁଖ୍ୟ ଚରିତ୍ରରେ ବାବୁଶାନ୍ ଓ ଏଲିନା ସାମନ୍ତରାୟ, କ୍ରିଷ୍ଟା କର, ଉଦିତ ଗୁରୁଙ୍କୁ ଦେଖିବାକୁ ପାଇବେ ଦର୍ଶକମାନେ। କାହାଣୀ ଅନୁସାରେ ବେଣୁଧର ମହାନ୍ତି ଓଡ଼ିଶା ଗୁମାଗଡର ଜଣେ ସାଧାରଣ ବ୍ୟକ୍ତି ଯିଏ ଖୁବ୍ କମ୍‌ରେ ଖୁସିରେ ରହନ୍ତି। କିନ୍ତୁ ଜଣେ ବାପା କଣ୍ଟ୍ରାକ୍ଟର ପୁଅ କଥାରେ ଆସି ନିର୍ବାଚନରେ ଠିଆ ହୁଅନ୍ତି। ତେବେ ସରପଞ୍ଚ ହେବାର ସ୍ୱପ୍ନ ଦେଖିଥିବା ବେଣୁଧରଙ୍କ ଜୀବନରେ କ'ଣ ପରିବର୍ତ୍ତନ ଆସୁଛି ତାହା ଫିଲ୍ମ ଦେଖିଲେ ଜାଣିପାରିବେ।



# 'ଡନ୍-୩' ଓ ଶର୍‌ବରୀଙ୍କ ଭାଗ୍ୟ

ଶାନଦାର୍ ଷ୍ଟାଇଲ୍, ଦମ୍‌ଦାର ସଂଳାପ ଓ ମସଲାଦାର ଆକ୍ସନ୍ ଦୃଶ୍ୟ ଦେଖିବାକୁ ମିଳେ 'ଡନ୍' ସିରିଜରେ। ଏହାର ପ୍ରଥମ ଦୁଇଟି ପାର୍ଟରେ ମୁଖ୍ୟ ଭୂମିକାରେ ନଜର ଆସିଥିଲେ ଶାହାରୁଖ ଖାନ ଓ ଏହି ଚରିତ୍ରଟିକୁ ନୂଆ ପରିଚୟ ଦେଇଥିଲେ। କିନ୍ତୁ ଏବେ ଏହାର ତୃତୀୟ ପାର୍ଟରେ ମୁଖ୍ୟ ଭୂମିକାରେ ନଜର ଆସିବେ ରଣବୀର ସିଂହ ଯେଉଁଥିରେ ତାଙ୍କ ଅପୋଜିଟ୍‌ରେ ରହିବେ ଅଭିନେତ୍ରୀ ଶର୍‌ବରୀ ୱାଘ୍। ଫାରହାନ୍ ଅଖତର୍‌ଙ୍କ ପ୍ରଯୋଜନା ଓ ନିର୍ଦ୍ଦେଶନାରେ ନିର୍ମିତ 'ଡନ୍-୩'ର କାଷ୍ଟିଂକୁ ନେଇ କୌଣସି ଆଧିକାରିକ ଭାବରେ ପୁଷ୍ଟି ହୋଇ ନଥିଲେ ମଧ ଯଦି ଏହି ଖବର ସତ ହୋଇଥାଏ ତେବେ ଫିଲ୍ମଟି ଶର୍‌ବରୀଙ୍କ ପାଇଁ ଟର୍ଣ୍ଣିଂ ପଏଣ୍ଟ ସାବ୍ୟସ୍ତ ହେବ। ତେବେ 'ଡନ୍-୩' ଶର୍‌ବରୀଙ୍କ ପାଇଁ କେବଳ ଏକ ଫିଲ୍ମ ନୁହେଁ ଏକ ସୁଯୋଗ ନିଜକୁ ବକ୍ସ ଅଫିସ୍‌ରେ ଜଣେ ସଫଳ ଅଭିନେତ୍ରୀ ଭାବରେ ସାବ୍ୟସ୍ତ କରିବା ପାଇଁ। କାରଣ ବିଗ୍ ବଜେଟ୍‌ର ଫିଲ୍ମରେ ସ୍ଥାନ ପାଇବା କୌଣସି ଅଭିନେତ୍ରୀଙ୍କ ପାଇଁ ଏକ ସ୍ୱପ୍ନ ପରି ହୋଇପାରେ। ତେବେ ଏହା ପୂର୍ବରୁ ଏହି ଚରିତ୍ର ପାଇଁ କିୟାରା ଆଡ୍‌ଭାନୀଙ୍କ ନାମ ଶୁଣିବାକୁ ମିଳୁଥିଲା କିନ୍ତୁ ଏବେ ଶର୍‌ବରୀ ଏହି ଚରିତ୍ରଟିକୁ କରିବା ନେଇ ନିଶ୍ଚିତ ହୋଇସାରିଛି। କ୍ୟାରିୟର୍ ଦୃଷ୍ଟିରୁ ୨୦୨୧ରେ ଫିଲ୍ମ 'ବଣ୍ଟି ଔର୍ ବବ୍‌ଲୀ-୨' ଜରିଆରେ ଶର୍‌ବରୀ ବଲିଉଡ୍ ଡେବ୍ୟୁ କରିଥିଲେ। ଏହାପରେ ହରର୍-କମେଡି ଫିଲ୍ମ 'ମୁଞ୍ଜ୍ୟା'ରେ ମଧ ତାଙ୍କୁ ଦେଖିବାକୁ ମିଳିଥିଲା ଯେଉଁଥିରେ ସେ ନିଜକୁ ଜଣେ ହିଟ୍ ଅଭିନେତ୍ରୀ ଭାବରେ ପ୍ରମାଣିତ କରିଥିଲେ। ଏହା ବ୍ୟତୀତ 'ମହାରାଜ' ଓ 'ବେଦା' ଆଦି ଫିଲ୍ମରେ ସେ ନଜର ଆସିଥିଲେ।



# କିପରି ହେବେ ଅସଲ ମାର୍ଗଦର୍ଶକ

ସାଧାରଣତଃ ୧୦ରୁ ୧୯ ବର୍ଷ ବୟସ ହେଉଛି କୈଶୋର ସମୟ । ଏହି ସମୟରେ କିଶୋରଙ୍କ ଅପେକ୍ଷା କିଶୋରୀମାନଙ୍କ ଶାରୀରିକ ଓ ଆବେଗିକ ବିକାଶ ଦ୍ରୁତତର ହୋଇଥାଏ । ଶିକ୍ଷା ଦୃଷ୍ଟିରୁ ଦେଖିଲେ ଏହି ବୟସରେ ପଡ଼େ ମୂଳଦୁଆ । ତେଣୁ ପିତାମାତାମାନେ କିଶୋର ସନ୍ତାନଙ୍କୁ ସ୍ୱାଧୀନ ଭାବେ ସବୁ କାମ କରିବାକୁ ସୁଯୋଗ ଦେବା ଉଚିତ । କେବଳ ସହାୟତା ଯଥେଷ୍ଟ ହେବ । ପିଲାମାନେ ଜ୍ଞାନ ଆହରଣ ପାଇଁ ନିଜେ ଇଣ୍ଟରନେଟ୍ ଦେଖିବା ବା ଲାଇବ୍ରେରୀକୁ ଯିବା ଉଚିତ । ପିତାମାତାମାନେ ଜାଣିବା ଦରକାର ଯେ କିଶୋର ସନ୍ତାନଟି ଆଦୌ ଶିଶୁ ନୁହେଁ । ଜଣେ ସ୍ୱୟଂ ସଂପୂର୍ଣ୍ଣ ମଣିଷର କ୍ଷୁଦ୍ର ସଂସ୍କରଣ । ତେଣୁ ଏହି ବୟସରୁ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ସମସ୍ତ ଉଦ୍ୟମ କରାଯିବା ଆବଶ୍ୟକ । ମଝିରେ ମଝିରେ ଚା କରିବା, ଖାଦ୍ୟ ବାଢ଼ି ଖାଇବା ଭଳି କାମ ଶିଖାଇବା ଦରକାର । କୈଶୋରାବସ୍ଥାରେ ଅନେକ ସମୟରେ ପିତାମାତାଙ୍କ କଥା ପିଲାମାନଙ୍କୁ ଭଲ ଲାଗେ ନାହିଁ । ଅନେକ ପିଲା ପିତାମାତାଙ୍କ କାମ ଓ କଥାକୁ ନାପସନ୍ଦ କରନ୍ତି । ତେଣୁ ଏଥିରେ ବାପା ମା'ଙ୍କ ବ୍ୟସ୍ତ ହେବାର କିଛି ନାହିଁ । ବରଂ ନିଜେ ସମସ୍ତ ପ୍ରକାର ଅନୈତିକ କାର୍ଯ୍ୟରୁ ଦୂରେଇ ରହି ସନ୍ତାନଙ୍କ ଦୋଷାରୋପର ସାମ୍ନା କରି ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିବା ଦରକାର । ପିଲାମାନଙ୍କ ଅଭିଯୋଗକୁ ନେଇ ବିବ୍ରତ ହେବା ଉଚିତ ନୁହେଁ ।

କିଶୋର ସନ୍ତାନଙ୍କ ଭଲ ପାଇଁ ପିତାମାତା ଅସୀମ ଧୈର୍ଯ୍ୟଶୀଳ ହେବା ଦରକାର । କିଛି ନୀତି ନିୟମ ବିଷୟରେ ଏହି ବୟସର ପୁଅ-ଝିଅଙ୍କୁ ଅବଗତ କରାଇବାର ଥିଲେ ବୁଝାଇ ଶୁଝାଇ କହିବା ଦରକାର । କିଶୋର ସନ୍ତାନମାନଙ୍କ ସବୁକଥା ପ୍ରଥମେ ଧୈର୍ଯ୍ୟର ସହ ଶୁଣିବା ଆବଶ୍ୟକ । ନହେଲେ, ସେମାନେ ସାଙ୍ଗସାଥୀଙ୍କୁ ଅଧିକ ପ୍ରିୟଭାବି ସେମାନଙ୍କ ପରାମର୍ଶ ଗ୍ରହଣ କରିବାକୁ ପସନ୍ଦ କରିବେ ଓ ବାପା ମା'ଙ୍କୁ କଥା ଲୁଚାଇବେ । ପାଠପଢ଼ା ନେଇ ସବୁବେଳେ ଗାଳିଗୁଲଜ କରିବା ଉଚିତ ମଧ୍ୟ ନୁହେଁ । ବରଂ ସମସ୍ୟାରୁ କିପରି ସେମାନେ ମୁକ୍ତି ପାଇବେ ସେଥିପ୍ରତି ଆବଶ୍ୟକ ଧ୍ୟାନ ଦେବା ଜରୁରୀ ।

ଯୌନ ସମ୍ପର୍କିତ ସମସ୍ତ ପ୍ରଶ୍ନର ଅନାବେଗିକ ଉତ୍ତର ଦେବା ଆବଶ୍ୟକ । ପ୍ରଥମେ ପ୍ରଥମେ ହୁଏତ ଏହା ଅଡୁଆ ଲାଗିପାରେ । ପ୍ରତ୍ୟେକ ପିତାମାତା ସେମାନଙ୍କ କିଶୋର ସନ୍ତାନଙ୍କର ଉପଯୁକ୍ତ ବନ୍ଧୁ ହେବା ଉଚିତ । ପରିବର୍ତ୍ତିତ ପରିସ୍ଥିତିରେ ଆଜି ପରିବାରରେ ସାମାଜିକ ମୂଲ୍ୟବୋଧ ଏବଂ ନୈତିକ ମୂଲ୍ୟବୋଧର ଅବକ୍ଷୟ ଘଟିଛି ।



କିଶୋରମାନେ ଚାହାନ୍ତି ଯେ ସେମାନେ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୁଅନ୍ତୁ । ତେଣୁ ସାମାଜିକ ଉତ୍ସବରେ ସେମାନଙ୍କୁ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ପିତାମାତା ସୁଯୋଗ ଦେବା ଉଚିତ । ତାହାହେଲେ ନିଜର ଅନ୍ତଃର୍ନିହିତ ଗୁଣକୁ ସେମାନେ ଚିହ୍ନିବାର ସୁଯୋଗ ପାଇବେ । ନିଜର ସନ୍ତାନଙ୍କୁ ଅବିଶ୍ୱାସ କଲେ ସେମାନଙ୍କ ଆତ୍ମବିଶ୍ୱାସ ଦୁର୍ବଳ ହୋଇଯାଏ । କିଶୋରୀ କନ୍ୟାମାନଙ୍କୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିବା ଦିଗରେ ମା'ମାନଙ୍କର ଭୂମିକା ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହା ନିଃସନ୍ଦେହରେ କୁହାଯାଇପାରେ । ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କର ଏ ଦିଗରେ ମଧ୍ୟ କର୍ତ୍ତବ୍ୟ ରହିଛି ।



# ଭାବନ୍ତୁ ନିଜେ କଣ କରିପାରିବେ !

ଆପଣଙ୍କର ଯାହା ଦକ୍ଷତା ରହିଛି, ତାହାକୁ ନେଇ ନିଜ କ୍ୟାରିୟର କରନ୍ତୁ । ଚାକିରି ମିଳୁନି ଭାବି ଯାହା ମିଳିଯାଉଛି, ତାହା କରନ୍ତୁ ନାହିଁ । ଏହାଦ୍ୱାରା ନିଜ କ୍ୟାରିୟରର ବ୍ୟାରିୟର ଆସିବ । ଯେଉଁ ବିଷୟରେ କ୍ୟାରିୟର କରିଛନ୍ତି, ଯଦି ସେହି ବିଭାଗରେ ଚାକରି କରିବେ, ତାହା ଭବିଷ୍ୟତ ପାଇଁ କାମରେ ଆସିବ । ଯଦି କାର୍ଯ୍ୟ କରୁଥିବା ସଂସ୍ଥା ଛାଡ଼ି ଅନ୍ୟ କେଉଁଠି ଯୋଗ ଦେବାକୁ ଚାହିଁବେ, ତାହା ନିଜର ଏକ୍ସପେରିୟନ୍ସକୁ କାଉଣ୍ଟ୍ କରିବ । ଯେତେ ଆଗକୁ ଯିବେ, ତାହା ସେତେ ସହାୟକ ହୋଇପାରିବ । ଅନେକ ଅର୍ଥ ଲୋଭରେ ହେଉ ଅବା ଚାକିରି ନମିଳିବା ଭୟରେ ହେଉ, ଯେଉଁଠି ଯାହା ମିଳିଲା, ଚାକିରିରେ ଯୋଗ ଦେଇଥାନ୍ତି । ଫଳରେ ଏହା ଭବିଷ୍ୟତରେ ଅନେକ କ୍ଷତି ସାଧିତ ହୋଇଥାଏ । ଯଦି ନିଜକୁ ବହୁତ ଆଗକୁ ଯିବାକୁ ଅଛି, ତା'ହେଲେ ନିଜ କ୍ୟାରିୟରକୁ ଲକ୍ଷ୍ୟ କରି ଯଦି ଯୋଗଦାନ କରିବେ, ତାହା ଭବିଷ୍ୟତ ପାଇଁ ଅନେକ ଶୁଭଫଳ ପ୍ରଦାନ କରିବ । ଆପଣ ଯାହା କିଛି କରିବାକୁ ଚାହୁଁଛନ୍ତି, ଯଦି ନିଜେ କିଛି ସିଦ୍ଧାନ୍ତ ନେଇ ପାରୁନାହାନ୍ତି, ତେବେ ଅନ୍ୟର ପରାମର୍ଶ ନେବା ଉଚିତ । ଯେଉଁମାନେ କ୍ୟାରିୟର ବାବଦରେ ଅନେକ କିଛି ଜାଣିଛନ୍ତି, ସେମାନଙ୍କ ଠାରୁ ଭଲ ମନ୍ଦ ପଚାରି ବୁଝିବା ଦରକାର । ନଚେତ କ୍ୟାରିୟର କାଉଁସେଲର୍‌ଙ୍କ ଠାରୁ ମଧ୍ୟ ପରାମର୍ଶ ନେଇପାରିବେ ।



# ବିଦ୍ୟା ହିଁ ଭଗବତ ଉପଲବ୍ଧିର ବିଜ୍ଞାନ

**ସୌର ଚନ୍ଦ୍ର ମହାପାତ୍ର**



ଗଛକୁ ମାରିଦେବାକୁ ହେଲେ ତା'ର ମୂଳ ଚେରଟାକୁ ହିଁ କାଟି ଦେବାକୁ ପଡ଼ିବ। ଗଛରୁ ଗୋଟି ଗୋଟି କରି ସବୁଯାକ ପତ୍ର ଛିଡ଼ାଇ ପକାଇଲେ ମଧ କିଛି ଲାଭ ନାହିଁ। କାରଣ ପ୍ରଥମେ ଏହା ବହୁ ସମୟ ସାପେକ୍ଷ, ପୁଣି ଗଛ ଆଦୌ ମରି ନପାରେ। ଏ ଦେଶର ବହୁ ଅତୀତର ବେଦ ଦ୍ରଷ୍ଟାମାନେ ଏଇ ସନାତନ ବିଦ୍ୟା ଜାଣିଥିଲେ, ମାତ୍ର ଆଜି ସେଇ ମହାଜ୍ଞାନୀମାନଙ୍କୁ ନିଜର ଆତ୍ମୀୟ ବୋଲି କହିବାକୁ ଆମେ ଭାରତୀୟମାନେ ସମ୍ଭବତଃ ଲଜ୍ଜା ଅନୁଭବ କରୁଛୁ। ସେଇ ବେଦଜ୍ଞ, ଦ୍ରଷ୍ଟାମାନେ ଆପଣାର ତପସ୍ୟା ପ୍ରଭାବରେ ଈଶ୍ୱରଙ୍କୁ ଦର୍ଶନ ଲାଭ କରିବା ସଙ୍ଗେ ସଙ୍ଗେ ତାଙ୍କ କୃପା ଲାଭ କରିଥିଲେ। ସେମାନେ ଏତେ ସାହସିକତାର ସହ ଯେଉଁ ବିଜ୍ଞାନ ଆବିଷ୍କାର କରିଥିଲେ, ତାକୁ ଲୋକ ସମାଜରେ ପ୍ରଚାର କରିଥିଲେ। ଅନ୍ୟ ଦେଶର ସତ୍ୟାନ୍ୱେଷୀ ସାଧକମାନେ ଏସବୁ ପୁସ୍ତକ ପାଠକରି ମତ ଦେଉଥିଲେ ଯେ, ଭାରତ ବର୍ଷ ସାରା ପୃଥିବୀ ପାଇଁ ଜ୍ଞାନର ମଶାଲ ଜାଳି ରଖିଛି। ଏହା ତ ଜଣାଶୁଣା କଥା ଯେ ଦୀପ ସାରା ଘରକୁ ଆଲୋକିତ କରେ ମାତ୍ର ଦୀପର ଠିକ ତଳେ ଖେଳୁଥାଏ ଅନ୍ଧକାରର ଏକ ବଳୟ। ଭାରତ ନିଜର ଏ ଅମୂଲ୍ୟ ସମ୍ପଦ ବିଷୟରେ ଆଦୌ ସଚେତନ ନୁହେଁ। ଏହାକୁ ଭାଗ୍ୟର ଖେଳ ବୋଲି କହି ଆମେ କ'ଣ ଚୁପ ହୋଇ ବସି ପାରିବା ?

ପୁରାକାଳରେ ଭାରତୀୟମାନେ ଶୁଦ୍ଧିପୁତ ଭାବରେ ସେମାନଙ୍କର ପ୍ରତିଦିନର କାମ ସମ୍ପାଦନ କରୁଥିଲେ। ଗୋଟିଏ ପବିତ୍ର ସ୍ଥାନରେ ଉପବେଶନ କରି ପବିତ୍ରତା ଦ୍ୱାରା ପରିବେଷ୍ଟିତ ହୋଇ ସେମାନେ ବେଦ ଉପନିଷଦ ଅଧ୍ୟୟନ ଓ ଅଭ୍ୟାସ କରୁଥିଲେ। ତା'ଛଡ଼ା ଅନ୍ୟମାନଙ୍କୁ ବାଟ ଦେଖାଇବା ନିମନ୍ତେ ଏବଂ ନିଜର ଅନୁଭୂତିକୁ ବାରମ୍ବାର ଅନୁଭବ କରିବାକୁ ସେମାନେ ସେଗୁଡ଼ିକୁ ପୁସ୍ତକ ଆକାରରେ ଲିପିବଦ୍ଧ କରି ରଖୁଥିଲେ। ମାତ୍ର ସେମାନଙ୍କ ପୁତ୍ର ପୌତ୍ରମାନେ ସେଗୁଡ଼ିକୁ ପୀଢ଼ା ଉପରେ ଉପରେ ରଖି ଧୂପ ଚନ୍ଦନ ଦେଇ ପୂଜା କରିବାରେ ବ୍ୟସ୍ତ। ଅବହେଳାରୁ ତାଳପତ୍ର ପୋଥି ଗୁଡ଼ିକରେ ପୋକ ଲାଗିଲା ଓ ମୂଷା ମାନଙ୍କର ଉତ୍ପାତରୁ ନଷ୍ଟ ହୋଇଗଲା। ମାତ୍ର ବିଦେଶର ସାଧକ ଓ ଗବେଷକମାନେ ସେ ପୋଥି ଗୁଡ଼ିକର ମୂଲ୍ୟ ବୁଝି ସେଗୁଡ଼ିକୁ ଧ୍ୱଂସସ୍ତୁପରୁ ଉଦ୍ଧାର କରି ଆନନ୍ଦର ସହ ଆପଣାକୁ କୃତାର୍ଥ ମନେ କରି ସମୁଦ୍ର ସେପାରି ତାଙ୍କ ଦେଶକୁ ନେଇ ଯାଉଛନ୍ତି। ସେମାନେ ଉପଲବ୍ଧି କରୁଛନ୍ତି ଯେ ଗ୍ରନ୍ଥ ଗୁଡ଼ିକରେ ରହିଛି ଆଲୋକର ଅତୁଳନୀୟ ଉତ୍ସ ଓ ଜ୍ଞାନର ଅମୂଲ୍ୟ ରତ୍ନ ରାଜି। ସେମାନେ ଘୋଷଣା କରୁଛନ୍ତି ଯେ, ଏଗୁଡ଼ିକ ଜଗତକୁ ଭାରତର ଅପୂର୍ବ ଉପହାର। ଏବେ ସେଇ ଭାରତର ସନ୍ତାନମାନେ କ'ଣ କରୁଛନ୍ତି ଜାଣିବା ଆସନ୍ତୁ ? ସେମାନେ ଏ ପୋଥି ଗୁଡ଼ିକର ପୃଷ୍ଠା ଓଲଟାଉ ନାହାନ୍ତି ବା ସେଥିରେ କ'ଣ ଲେଖାଅଛି ତାହା ଚିନ୍ତା ବି କରୁନାହାନ୍ତି। ଲକ୍ଷ୍ୟ କଲେ ଜଣେ ହୁଏତ ସେ ଗ୍ରନ୍ଥ ପଢୁଥିବ, ଆଉ ଯିଏ ଏସବୁ ପଢୁଛି ଲୋକେ ତାକୁ ନିର୍ବୋଧ ଓ ପାଗଳ ବୋଲି ଉପହାସ କରୁଛନ୍ତି। ସେ ପୋଥିର ବିଦ୍ୟା ଗୁଡ଼ିକ ମିଛ କଥା ଓ ମନଗଢ଼ା କାହାଣୀ ବୋଲି କହି ଏ ଦେଶର ପଣ୍ଡିତମାନେ ସେଗୁଡ଼ିକର ଐତିହାସିକତା ଏବଂ ଲେଖକର ପରିଚୟ ସମ୍ପର୍କରେ ଯୁକ୍ତିତର୍କ କରିବାରେ ବ୍ୟସ୍ତ।

ସଂସ୍କୃତ ଭାଷା ଅଧ୍ୟୟନ କରିବା ଗୋଟାଏ ଖୁବ କଷ୍ଟକର କଥା ବୋଲି କହି ଅନେକ ଏହାକୁ ପରିତ୍ୟାଗ କରିଛନ୍ତି ଏବଂ ଅନ୍ୟ ଦେଶର ପଣ୍ଡିତ ଓ ଜ୍ଞାନ ପିପାସୁ ଲୋକଙ୍କ ହାତରେ ଏ ଭାଷାର ଅମୂଲ୍ୟ ରତ୍ନ ରାଜିକୁ ଟେକି ଦେଇଛନ୍ତି। ସତରେ ଏହା କେତେ ଦୁଃଖର କଥା। ନିଜର ମାତୃଭାଷାକୁ ମନ ଦେଇ ଅଧ୍ୟୟନ କଲେ ହୁଏତ କିଛିଟା କ୍ଷତିପୂରଣ ହୋଇପାରନ୍ତା ମାତ୍ର ସେମାନେ ସେତକ ମଧ କରୁନାହାନ୍ତି। ଚତୁର୍ଦ୍ଦିଗରେ ଆଖିରେ ପଡୁଛି ଖାଲି ଅବହେଳା ଓ ଅବହେଳା। ଅନେକ ମହାତ୍ମା ତାଙ୍କ ସମ୍ଭାଷଣରେ କେବେ ବି ପାର୍ଥିବ ସୁଖ ଓ ଆନନ୍ଦକୁ ନିନ୍ଦା କରି ନାହାଁନ୍ତି। ଯେ ସଂସାରରେ ସୁଖରେ ରହିବାକୁ ଆମେମାନେ ସମସ୍ତ କଳା ଓ ବିଜ୍ଞାନ ଅଧ୍ୟୟନ କରିବା ସହିତ ଏହାକୁ ବି ମନେ ରଖିବା ଉଚିତ ଯେ ଏ ପାର୍ଥିବ ଦୁନିଆରେ ସୁଖ ଆଦୌ ଚିରସ୍ଥାୟୀ ନୁହେଁ।

ଚିରସ୍ଥାୟୀ ସୁଖ କେବଳ ଗୋଟିଏ ବିଦ୍ୟା ଦ୍ୱାରା ଲାଭ କରାଯାଇ ପାରିବ। ତାହା ହେଲା ଉପନିଷଦ, ବିଦ୍ୟା ତାହା ହିଁ ଭଗବତ ଉପଲବ୍ଧିର ବିଜ୍ଞାନ, ତାହାହିଁ ପୁରାକାଳର ଋଷିମାନଙ୍କ ଶିକ୍ଷା। ଜଗତରେ ତା ଠାରୁ ବଡ଼ ଆଉ କିଛି ନାହିଁ। ଏଥିରେ ବିତର୍କର ଅବକାଶ ନାହିଁ। ଜୀବନରେ ଯେତେ ଦୁଃଖ ଓ ସୁଖ ଭୋଗକର ପଛକେ, ଜୀବନ ଧାରଣ କରିବା ନିମନ୍ତେ ଯେ କୌଣସି ବିଦ୍ୟାରେ ପ୍ରବୀଣତା ହାସଲ କରିଥାଅ ପଛକେ, ବ୍ରହ୍ମ ବିଦ୍ୟା ଠାରେ ସବୁବେଳେ ଦୃଷ୍ଟି ରଖିବା ଉଚିତ। ଯଦି ସଦଗୁଣର ଅଭିବୃଦ୍ଧି ନ କରି ଖାଲି ବୁଦ୍ଧିକୁ ମାଜିବାରେ ଲାଗିବା ଏବଂ ମୁଣ୍ଡ ଭିତରେ ଖାଲି ଗୁଡ଼ିଏ ସମ୍ବାଦ ଭର୍ତ୍ତି କରିବା, ତେବେ ସଂସାରର ପ୍ରଗତି ସୁଦୂର ପରାହତ ହୋଇଯିବ ଏବଂ ଜଗତ ଗୁରୁତ୍ୱର ବିପଦର ସମ୍ମୁଖୀନ ହେବ। ମାତ୍ର ଏବେ ଅନେକ ଲୋକେ ସଦଗୁଣ ଓ ସଦାଚାର ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ ହରାଇ ବସିଲେଣି। କାରଣ ଆଜିର ଶିକ୍ଷା ପଦ୍ଧତି ଏମିତି ହୋଇଛି ଯେ ସେଥିରେ ଆଧ୍ୟାତ୍ମିକ ସାଧନା ବା ଧର୍ମ ଶିକ୍ଷାର କୌଣସି ସ୍ଥାନ ନାହିଁ। ପ୍ରକୃତ ଶିକ୍ଷା ବାଳକ ବାଳିକାଙ୍କ ମଧ୍ୟରେ ଥିବା ସଦଗୁଣକୁ ନଷ୍ଟ କରିଦିଏ ନାହିଁ ବା ଏହାର ଅଭିବୃଦ୍ଧିରେ ବାଧା ସୃଷ୍ଟି କରେନାହିଁ। ଛାତ୍ର ଛାତ୍ରୀମାନଙ୍କ ମୁଣ୍ଡରେ ଗୁଡ଼ାଏ ବାଜେ କଥା ଭର୍ତ୍ତି କରିବା ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ନୁହେଁ। ମଣିଷକୁ ମଣିଷ ପଣିଆ ପ୍ରଦାନ କରୁଥିବା ସମସ୍ତ ସଦଗୁଣର ପୂର୍ଣ୍ଣତମ ବିକାଶ ନିମନ୍ତେ ସମସ୍ତ ସୁଯୋଗ ଦେବା ହିଁ ପ୍ରକୃତ ମଙ୍ଗଳକର ଶିକ୍ଷାର ଲକ୍ଷ୍ୟ।



**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
**ଦୂରଭାଷ : ୯୪୩୭୦୦୪୪୬୬**
**'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,**
ଇମେଲ : soura999mohapatra@gmail.com





ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ଖରାଦିନରେ କାନ-ନାକ-ଗଳାର ଯତ୍ନ




ନାରାୟଣ ଚନ୍ଦ୍ର ବିଶ୍ୱାଳ

ଗ୍ରୀଷ୍ମରତୁ ଆସୁ ଆସୁ ତତଲା ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିପକେଇଲାଣି। ତତଲା ଖରାକୁ ଅବେଳିଆ କାଳବୈଶାଖୀ ଲୋକମାନଙ୍କ ସ୍ୱାସ୍ଥ୍ୟ ବିଶେଷକରି କାନ-ନାକ-ଗଳା ପରି ଏକ ସମ୍ବେଦନଶୀଳ ଶରୀର ତନ୍ତ୍ରକୁ ଅବ୍ୟବସ୍ଥିତ କରୁଛି। ପ୍ରାୟତଃ ଖରାଦିନକୁ ନେଇ ଲୋକମାନଙ୍କର ତତ୍‌ସମ୍ବନ୍ଧୀ ଅନେକ ରୋଗ ରହିଥାଏ। ଆସନ୍ତୁ ଟିକିଏ ଜାଣିବା। ଶରୀର ସବୁଠାରୁ ସ୍ପର୍ଶକାତର ଅଙ୍ଗ ହେଉଛି କାନ। ଖରା ଦିନରେ ତୀବ୍ର ଖରା ଓ ଧୂଳି କାନ ପ୍ରବେଶ କଲେ ସ୍ୱାଭାବିକ ଭାବରେ ନାକ ଓ ଗଳାକୁ ସଂକ୍ରମିତ କରିଥାଏ। ଗରମ ପାଗରେ ଥଣ୍ଡା ଚିକିତ୍ସା କରିବାଦ୍ୱାରା ଏହା ଉପଶମ ପରିବର୍ତ୍ତେ ଅନେକ କ୍ଷତିକାରକ ବା ଘାତକ ସାବ୍ୟସ୍ତ ହୋଇଥାଏ। ଆଜିକାଲି ମୋବାଇଲ ଫୋନର ଇୟର ଫୋନ୍ ଅନେକ ବ୍ୟବହାର କରୁଛନ୍ତି। ଘଣ୍ଟା ଘଣ୍ଟା ଧରି ଏହା କାନରେ ଲାଗି ରହୁଛି। କିନ୍ତୁ ତୀବ୍ର ଖରାରେ ମୁଣ୍ଡରୁ ବୋହୁଥିବା ଝାଳ ଏହି ଇୟର ଫୋନ୍‌ର ତୁଳା ଅଂଶକୁ ପ୍ରଭାବିତ କରି କାନର ଭିତର ଭାଗକୁ ବି ସମସ୍ୟା ଉପୁଯାଇଥାଏ। ଖରା ଦିନରେ ବିଶେଷକରି ଯୁବବର୍ଗ ଆଉ ପିଲାମାନେ ନଦୀ, ପୋଖରୀରେ ବୁଡ଼ି ଗାଧୋଇବାର ଆନନ୍ଦଦାୟକ ଅଭ୍ୟାସ ରଖିଥାନ୍ତି କିନ୍ତୁ ଦୂଷିତ ଜଳ କାନ ସଂକ୍ରମଣର ପ୍ରଥମ ବୈଶିଷ୍ଟ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ କାନ ନୁହେଁ ନାକକୁ ବି ଏହା ପ୍ରଭାବିତ କରେ। ଆଗରୁ କାନ-ନାକ-ଗଳାର କୌଣସି ଅସୁବିଧା ଥିଲେ ଖରାଦିନେ ଥଣ୍ଡା ପାଣି ବା ଅନ୍ୟ ବରଫଯୁକ୍ତ ପାନୀୟ ଦ୍ରବ୍ୟ ଏହାର ଯନ୍ତ୍ରଣାକୁ ବଢ଼ାଇବା କାମ କରିଥାଏ। ଉଦୁଉଦିଆ ଖରାରେ ଅନେକ ଜାଗାରେ ଧୂଳି ଓ ବର୍ଜ୍ୟବସ୍ତୁ ପୋଡ଼ା ହେଉଥିବା ପ୍ରଦୂଷଣଯୁକ୍ତ ଧୂଆଁ କାନ ଓ ନାକକୁ ଗଭୀର ଭାବେ ପ୍ରଭାବିତ କରେ। ଉପରୋକ୍ତ ସମସ୍ୟାରୁ ମୁକ୍ତ ରହିବା ପାଇଁ ନିମ୍ନ ଲିଖିତ ଉପାୟମାନ ଅନୁକରଣୀୟ।




-ଠିକ୍ ସମୟରେ ଖାଦ୍ୟପେୟ ଖାଇବା, ଉପବାସ ଠାରୁ ଦୂରେଇ ରହିବେ, ଭୋକ ପେଟରେ ରହିବେ ନାହିଁ। ଥଣ୍ଡା ଉପୁଜୁଥିବା ଖାଦ୍ୟଦ୍ରବ୍ୟ ଠାରୁ ଦୂରରେ ରହିବେ ଯଥା ବାସୀ ପଖାଳ ଖଟା, ଆଇସକ୍ରିମ, ଫ୍ରିଜ୍‌ପାଣି, କୋଲଡ୍ରିଙ୍କସ୍ ଠାରୁ ଦୂରେଇ ରହିବେ। ପଖାଳ ଖାଉଥିବା ଲୋକମାନେ ତୋରାଣି ନପିଇ ପାଣି ପିଇବାର ଅଭ୍ୟାସ ରଖନ୍ତୁ। ଶୋଷ ହେଲେ ଏକାଥରକେ ଦୁଇ ଗ୍ଲାସରୁ ଅଧିକ ପାଣି ପିଅନ୍ତୁ ନାହିଁ ଆବଶ୍ୟକ ପଡ଼ିଲେ ଘଣ୍ଟାଏ ଛାଡ଼ି ପିଇ ପାରିବେ। ସୁରେଇ ବା ମାଟି ପାତ୍ରରେ ରହିଥିବା ପାଣି ପ୍ରାକୃତିକ ଥଣ୍ଡା ସୃଷ୍ଟି କରିଥାଏ ତେବେ ସବୁଠାରୁ ଭଲ ହେବ ଏହି ପାଣିକୁ ଭଲ ଭାବେ ସିଝାଇ ପାନୀୟ ଯୋଗ୍ୟ କରିବା। ଫ୍ରିଜ୍‌ରେ ରହୁଥିବା ଥଣ୍ଡା ପାଣି ଆଦୌ ପିଅନ୍ତୁ ନାହିଁ। ସେହିପରି ବଜାରରେ ବିକ୍ରି ହେଉଥିବା ତଥାକଥିତ କୋଲଡିଙ୍କସ୍ ଠାରୁ ଯଥାସମ୍ଭବ ଦୂରେଇ ରହିବା ଖୁବ୍ ଭଲ। ତେବେ କୌଣସି ପରିସ୍ଥିତିରେ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ। କାରଣ ଏହା ଆପଣଙ୍କ ରକ୍ତଚାପକୁ ଅନିୟନ୍ତ୍ରିତ କରିବା ସହ ତୀବ୍ର ଖରାପାଇଁ ଏହା ଆପଣଙ୍କ ମସ୍ତିଷ୍କକୁ ପ୍ରଭାବ ପକାଇଥାଏ।

-ଏହି ଋତୁରେ ପୂର୍ବରୁ ରକ୍ତଚାପ ଥିବା ରୋଗୀ, ସ୍ନାୟୁଜନିତ ବଧିରତାର ଶିକାର ହୁଅନ୍ତି ତେଣୁ ଏହି ରୋଗୀମାନେ ଏହି ସମୟରେ ରକ୍ତଚାପକୁ ନିୟନ୍ତ୍ରଣ ପାଇଁ ଚିକିତ୍ସା ରଖିବା ଉଚିତ। ରକ୍ତଚାପ ସମସ୍ୟା ଥିଲେ ପ୍ରଥମରୁ ଏହାର ନିରାକରଣ କରନ୍ତୁ। ଉଚ୍ଚସିଡି, ଉଚ୍ଚସ୍ଥାନ ବା ଉଚ୍ଚ ପାହାଡ଼ ଚଢ଼ିବାକୁ ଥିଲେ ନିଜ ଶରୀରର ନିୟନ୍ତ୍ରଣ କଥା ପ୍ରଥମେ ଚିନ୍ତା କରନ୍ତୁ।



-କାନ କୁଣ୍ଡାଇବା ପରି ଆବଶ୍ୟକ କଲେ ଶୋଧିତ ତୁଳାକାଠି ବ୍ୟବହାର କରନ୍ତୁ। ଯେକୌଣସି ଜିନିଷକୁ କାନ ଭିତରେ ପୂରାଇବାର କୁଅଭ୍ୟାସ ଠାରୁ ଦୂରେଇ ରୁହନ୍ତୁ। କାରଣ ଏହାଦ୍ୱାରା ବାହାରର ଅପରିଷ୍କାର ପଦାର୍ଥ କାନ ଭିତରକୁ ଯିବା ସହ ଏହା ବିଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ସହ ପରବର୍ତ୍ତୀ ସମୟ ପାଇଁ ଘାତକ ସମସ୍ୟା ସୃଷ୍ଟି କରିଥାଏ। ସେହିପରି କାନ ଭିତରେ ଯେପରି ଧୂଳି, ଧୂଆଁ ଓ ବିଷାକ୍ତ ପଦାର୍ଥ କିଛି ନଯାଏ ସେ ଦିଗକୁ ଭଲଭାବେ ଦେଖନ୍ତୁ। କାରଣ ଏହା କାନ ପାଇଁ ଅତ୍ୟନ୍ତ ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ।



-ସାଧାରଣତଃ ଥଣ୍ଡାରୁ ପ୍ରଭାବିତ ଲୋକମାନେ ରାତିରେ ଶୋଇଲାବେଳେ କାନରେ ତୁଳା ଦେଇ ଶୋଇଲେ ଭଲ। ଥଣ୍ଡାରୁ ପ୍ରଭାବିତ ଲୋକମାନେ ମୁଣ୍ଡ ସଫା କରୁଥିଲେ ଥଣ୍ଡା ଟାବ୍‌ଲେଟ ଖାଇ ଘଣ୍ଟାଏ ପରେ ମୁଣ୍ଡ ସଫା କରିବା ଉଚିତ।

-ଖରାଦିନେ କିଛି କ୍ଷେତ୍ରରେ ସର୍ଦ୍ଦି ରହିଥିଲେ ଏହା ଗଳାକୁ ବି ସଂକ୍ରମଣ କରିବାକୁ ବାଟ କଢ଼ାଏ। ଏହି ସର୍ଦ୍ଦି ସମସ୍ୟା ପରବର୍ତ୍ତୀ ସମୟରେ ଶରୀରର ଆଭ୍ୟନ୍ତର ଅଙ୍ଗକୁ ପ୍ରଭାବିତ କରେ ଏବଂ ଏହା ଅନେକ ସମସ୍ୟାର କାରଣ ମଧ୍ୟ ହୁଏ। କେତେକ କ୍ଷେତ୍ରରେ ସର୍ଦ୍ଦି ସମସ୍ୟା ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରି ସମ୍ପୂର୍ଣ୍ଣ ନାକକୁ ବନ୍ଦ କରିଦିଏ। ତେବେ ଏହାକୁ ଅଣହେଳା କଲେ ଏହା ପରବର୍ତ୍ତୀ ସମୟରେ ସାଇନୋସାଇଟିସ୍ ସମସ୍ୟାର ବଡ଼ କାରଣ ହୋଇଥାଏ।

-ନିୟମିତ ଭାବେ କାନକୁ ସଫା ରଖନ୍ତୁ, ଟୁଣ୍ଡୁକା ଟୁଣ୍ଡୁକି କୌଣସି ତେଲ ବା କାଠି କାନ ଭିତରକୁ ପୂରାନ୍ତୁ ନାହିଁ। ଖରାଦିନେ କେତେକଙ୍କ କ୍ଷେତ୍ରରେ ଗଳା ବସିଯିବାର ସମସ୍ୟା ଦେଖାଦିଏ ତେବେ ଅନେକ ହୁଏତ ଜାଣି ନଥାନ୍ତି ପେଟ ଗରମ ସମସ୍ୟା ପାଇଁ ମଧ୍ୟ ବେଳେ ବେଳେ ଗଳା ବସିଯିବାର ସମସ୍ୟା ଦେଖା ଦେଇଥାଏ। ତେବେ ଅନେକ ହୁଏତ ଜାଣି ନଥିବେ କର୍ଣ୍ଣ-ନାସା-ଗଳା ସମସ୍ୟା ସହ ଆମ ଶରୀରର ସମସ୍ତ ଅଙ୍ଗର ପ୍ରତ୍ୟେକ୍ଷ ବା ପରୋକ୍ଷ ସମ୍ପର୍କ ରହିଛି। ଉଚ୍ଚ ସ୍ୱରରେ ବାଦ୍ୟଯନ୍ତ୍ର ସମାବେଶ ଠାରୁ ଦୂରେଇ ରୁହନ୍ତୁ। ସେହିପରି ସବୁବେଳେ ମୋବାଇଲ ଫୋନ୍ କାନରେ ବ୍ୟବହାର ମଧ୍ୟ ଆପଣଙ୍କ କାନର ସମସ୍ୟାକୁ ବଢ଼ାଇ ଦେଇଥାଏ। ଖରାଦିନେ ପାଣିରେ ବୁଡ଼ି ଗାଧୋଇବା ପାଇଁ ଅନେକଙ୍କୁ ଭଲ ଲାଗିଥାଏ ତେବେ କାନ ଭିତରୁ ଅଧିକ ପରିମାଣର ପାଣି ପଶିଯାଏ ଯାହାକି ପରବର୍ତ୍ତୀ ସମୟରେ କାନ ବିନ୍ଧାର କାରଣ ହୁଏ ଏବଂ କେତେକ କ୍ଷେତ୍ରରେ କାନରୁ ପାଣି ମଧ୍ୟ ବାହାରେ। ସେହିପରି ନାକରେ କାଠି ଭର୍ତ୍ତିକରି ଛିଙ୍କିବା ଅଭ୍ୟାସ ଅନେକଙ୍କର ଥାଏ। ଏଥିରୁ ନିବୃତ୍ତ ରୁହନ୍ତୁ। ଖରାଦିନେ ଆଉ ଗୋଟିଏ ଘାତକ ସମସ୍ୟା ଦେଖାଦେଇଥାଏ ତାହା ହେଉଛି କେତେ ଜଣଙ୍କର ତୀବ୍ର ଖରା ସମସ୍ୟା ବା ପୂର୍ବରୁ ରହିଥିବା ମସ୍ତିଷ୍କଜନିତ ସମସ୍ୟା ପାଇଁ ନାକରୁ ରକ୍ତ ନିର୍ଗତ ହୋଇଥାଏ। ଏ ଦିଗକୁ ଅତ୍ୟନ୍ତ ଗୁରୁତର ସହ ଚିନ୍ତା କରିଥାନ୍ତୁ। କାରଣ ଏହା ଏକ ମାମୁଲି ସମସ୍ୟା ନୁହେଁ। ସେହିପରି ଉଚ୍ଚସ୍ୱରରେ ଆୱାଜ କରନ୍ତୁ ନାହିଁ ଏହା ଆପଣଙ୍କର ଗଳାକୁ ପ୍ରଭାବିତ କରିଥାଏ। ଆପଣ ଏକ ଭଲ ରୁଟିନଟିଏ ତିଆରି କରି ସର୍ବପ୍ରଥମେ ପ୍ରତ୍ୟୁଷରୁ ଉଠିବା ଅଭ୍ୟାସ କରନ୍ତୁ। ଯୋଗ ପ୍ରାଣାୟମ ବା କୌଣସି ଶାରୀରିକ ବ୍ୟାୟାମ, ପ୍ରାତଃ ଭ୍ରମଣ ଖୁବ ଭଲ। ନିଜର ଖାଇବା ଓ ବିଶ୍ରାମ ସମୟ ଏକ ସୁନର୍ଦ୍ଧିଷ୍ଟ ରଖନ୍ତୁ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ, ତଟକା ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ। ଫଳ ଓ ଶାଗ ମଧ୍ୟ ଖୁବ ଭଲ। ଆମିଷ ନଖାଇବା ମଧ୍ୟ ଭଲ ଅଭ୍ୟାସ। ବଜାରର ଫାଷ୍ଟଫୁଡ, ଫ୍ରିଜ୍‌ରେ ରହିଥିବା ବାସି ଥଣ୍ଡାଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ। ମନକୁ ସବୁବେଳେ ଏକ ସକାରାତ୍ମକ ଭାବନାରେ ରଖନ୍ତୁ। ଅନ୍ୟ ଜଣଙ୍କୁ ସାହାଯ୍ୟ କରିବା ଏବଂ ବନ୍ଧୁବର୍ଗଙ୍କ ସହ ନିୟମିତ ସମ୍ପର୍କରେ ରହିବା ଏକ ଭଲ ଅଭ୍ୟାସ। ଏସବୁ ସମ୍ପର୍କ ଜଣକୁ ସକାରାତ୍ମକ ଭାବନାକୁ ନେଇଥାଏ। ଏସବୁ ସତ୍ତ୍ୱେ ଯଦି କାନ-ନାଗ-ଗଳାର ସଂକ୍ରମଣ ହୋଇଥାଏ ତେବେ ତୁରନ୍ତ କର୍ଣ୍ଣ-ନାସା-ଗଳା ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲାରୋଡ଼, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦**

ମହକ



# ଓଡ଼ିଶା ସଙ୍ଗୀତ ଜଗତର ପ୍ରତିଭାମୟୀ କଣ୍ଠଶିଳ୍ପୀ : ମମତା



ଫୁଲ ଫୁଟି ବାସ ଚହଟିଗଲା ପରି ଜଣେ କଳାକାରର ଜୀବନ। ନିଜ ଭିତରେ ଥିବା କଳା ପାଇଁ ସେ ଦେଶବିଦେଶରେ ସୁନାମ ଅର୍ଜନ କରିପାରନ୍ତି। ନିଜର ପ୍ରତିଭା ବଳରେ ଦେଖାଇ ପାରନ୍ତି ନିଜର କରିସ୍ମା। ସେହିଭଳି ଜଣେ ସଂଗୀତର ପୂଜାରିଣୀ ହେଲେ କେନ୍ଦୁଝର ଜିଲ୍ଲାର ମାଆ ତାରିଣୀ ପୀଠ ନିକଟସ୍ଥ ବେଢାପାଳ ଗାଁ ବୋହୂ ମମତା ଜେନା। ଝାରସୁଗୁଡାରେ ଜନ୍ମ ଗ୍ରହଣ କରିଥିବା ମମତା, ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଜୈବିକ ବିଜ୍ଞାନରେ ମାଷ୍ଟର ଡିଗ୍ରୀ ହାସଲ କରିବା ସହିତ ବିଏଡ୍ ମଧ୍ୟ କରିଛନ୍ତି। ତା'ସହିତ ହିନ୍ଦୁସ୍ତାନୀ, କ୍ଲାସିକାଲ ଓ ଭୋକାଲରେ ପ୍ରୟାଗ ସଙ୍ଗୀତ ସମିତି, ଅହମଦାବାଦରୁ ସଙ୍ଗୀତ ପ୍ରବୀଣରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶ୍ରୀମତୀ ମମତା ଜେନା, ଜବାହର ନବୋଦୟ ବିଦ୍ୟାଳୟ, ଝାରସୁଗୁଡାରେ ସଙ୍ଗୀତ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ପିଲାଦିନୁ ତାଙ୍କର ସଙ୍ଗୀତ ପ୍ରତି ଆଦର ଓ ଆଗ୍ରହ ଥିଲା। ତାଙ୍କ ପରିବାରରେ ଭାଇ ଭଉଣୀ ସମସ୍ତେ ସଙ୍ଗୀତକାର। ବାପା ଓ ମାଆ ମଧ୍ୟ ସଙ୍ଗୀତରେ ରୁଚି ରଖନ୍ତି ଓ ଗୀତ ଗାଆନ୍ତି ମଧ୍ୟ। ବିଶିଷ୍ଟ ସଙ୍ଗୀତ ଗୁରୁ ସ୍ୱର୍ଗତଃ ଶ୍ରୀ ବଳଦେବ ସିଂ ବଳରାମଙ୍କ ପାଖରୁ ସଙ୍ଗୀତ ଶିକ୍ଷା ଗ୍ରହଣ କରିଥିଲେ। ଶ୍ରୀମତୀ ମମତା ଜେନା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ, ଭଜନ, ଗଜଲ ଆଦି ଗାୟନ କରନ୍ତି। ସେ ଶାସ୍ତ୍ରୀୟ ଭଜନ, ଗଜଲ ଗାଇବା ପାଇଁ ବେଶୀ ପସନ୍ଦ କରନ୍ତି। ସେ ପିଲାଟି ଦିନରୁ ଦୀନ ସମାରୋହ, ଚକ୍ରଧର ସମାରୋହ, ୟୁଥ ଫେଷ୍ଟିଭାଲ, ଶାସ୍ତ୍ରୀୟ ସଙ୍ଗୀତ ସମ୍ମିଳନୀ ଟିଟିଲାଗଡ଼, ବିଷ୍ଣୁ ଦିଗମ୍ବର ପଲୁସ୍କର ଜୟନ୍ତୀ ଇତ୍ୟାଦି ଅନୁଷ୍ଠାନ ମାନଙ୍କରେ ଯୋଗଦାନ ଦେଇ ସଙ୍ଗୀତ ପରିବେଷଣ କରିଛନ୍ତି। ସେ ଜଣେ ବେଦର ଗବେଷକ ମଧ୍ୟ। ଖୁବ ସୁନ୍ଦର ଭାବରେ ବେଦ ପାଠ କରପାରନ୍ତି। ଓଡିଶାର ସୁନାମଧନ୍ୟ ଭଜନ ଗାୟକମାନଙ୍କ ମଧ୍ୟରୁ ଶ୍ରୀମତୀ ନାୟକ ଜଣେ। ତାଙ୍କର ୟୁଟ୍ୟୁବ ଚ୍ୟାନେଲ ମମତା ଏଟରନାଲ ମ୍ୟୁଜିକ ରହିଛି ଯେଉଁଥିରେ ସେ ଅନେକ ଗୁଡିଏ ଭକ୍ତିମୂଳକ ସଙ୍ଗୀତ ଗାନ କରିଛନ୍ତି ଏବଂ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସେ ଛୋଟ ବେଳୁ ଅନେକ ଗୁଡିଏ ଜିଲ୍ଲା ସ୍ତରୀୟ, ରାଜ୍ୟ ସ୍ତରୀୟ ତଥା ଜାତୀୟ ସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ବହୁବାର ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ତାଙ୍କର ଗାୟନ ଶୈଳୀ ଖୁବ ସୁନ୍ଦର। ତାଙ୍କର ଘରାନା ହେଉଛି ମେବାତି ଘରାନା। ସେ ତାଙ୍କ ଶିକ୍ଷକତା ଚାକିରୀ କ୍ଷେତ୍ରରେ ମଧ୍ୟ ଉଚ୍ଚ ପ୍ରଶଂସିତା। ତାଙ୍କର ନବୋଦୟର ଛାତ୍ରଛାତ୍ରୀମାନଙ୍କୁ ସେ ଜାତୀୟ ସ୍ତରୀୟ ସଙ୍ଗୀତକ୍ଷେତ୍ରରେ ପହଞ୍ଚାଇଛନ୍ତି। ନବୋଦୟ ଭଳି ଆବାସିକ ସ୍କୁଲରେ ବହୁତ ବ୍ୟସ୍ତତାରେ ଥାଇ ମଧ୍ୟ ତାଙ୍କର ସଙ୍ଗୀତ ସାଧନା ଜାରି ରଖିଛନ୍ତି। ମମତା, ସତ୍ୟସାଇ ବାବାଙ୍କର ଆଶ୍ରିତା। ପିଲାଟି ଦିନରୁ ସାଇବାବାଙ୍କ ଭଜନ ଗାନ କରି ଆଜି ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ ଭାବେ ପ୍ରତିଷ୍ଠିତ ହୋଇପାରିଛନ୍ତି।

# ଜଣେ ଯୁବ ସମାଜସେବୀଙ୍କ କାହାଣୀ : ସୌମ୍ୟ ରଂଜନ ପଟ୍ଟନାୟକ



ଯୁବଶକ୍ତି ଏକ ପ୍ରଚଣ୍ଡ ଶକ୍ତି। ସମାଜ ଗଠନ ପାଇଁ ଯୁବ ପିଢ଼ିମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିଭଳି ସଂଗଠିତ ଯୁବ ଶକ୍ତି ଆମ ଜାତିର ଉନ୍ନତି ବା ପ୍ରଗତିର ଅନନ୍ୟ ସୂତ୍ରଧର ସେହିମାନଙ୍କ ସ୍କନ୍ଧରାଜି ଉପରେ ପ୍ରତିଷ୍ଠିତ ଆମ ବାସ୍ତବ ଆଶା ଆକାଂକ୍ଷା ସୃଷ୍ଟି ଓ ସମ୍ଭାବନା। ଯୁବଶକ୍ତିର ସୁବିନିଯୋଗ ଆଉ ପାଇଁ ଅପରିହାର୍ଯ୍ୟ ଏହି ଦିଗରେ ସମାଜ ବା ସାମାଜିକ ବ୍ୟବସ୍ଥାର ଆଉ ଗୁରୁ ଗୁରୁଜନ ମାନଙ୍କର ମଧ୍ୟ ଦାୟିତ୍ୱ ରହିଛି। ଏହି ସମୟ ହିଁ ତାଙ୍କ ନିଜ ସ୍ୱପ୍ନ ଓ ଦେଶ ଗଠନରେ ତାଙ୍କ ଭୂମିକାକୁ ସମ୍ପାଦନ କରାଇଥାଏ। ଖାଲି ପୁସ୍ତକଗତ ଶିକ୍ଷା ସମାପନ କରି ବଡ଼ ଚାକିରି କରି ଜୀବନ ଅତିବାହିତ କରିବା ଆମ ଆଦର୍ଶ ନୁହେଁ ନିଜେ ବଞ୍ଚିବା ସହ ସମାଜ ପାଇଁ କିଛି ମହତ୍ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ସେହିଭଳି ଆମ ସମୟର ଜଣେ ଯୁବ ସୁଲଭ ପ୍ରତିଭା, ଉଦୀୟମାନ ସମାଜସେବୀ, ପରିବେଶବିତ୍, ଅତ୍ୟନ୍ତ ନମ୍ର ଭଦ୍ର, ପରୋପକାରୀ, ମିଷ୍ଟଭାଷୀ ସୌମ୍ୟ ରଂଜନ ପଟ୍ଟନାୟକ ଅନ୍ୟତମ। ପିତା ମହାନ ନାଟ୍ୟକାର ଗୁରୁ ଆଶୋକ କୁମାର ପଟ୍ଟନାୟକ, ମାତା ଧର୍ମପ୍ରାଣା ସ୍ନେହୀ ମହିୟସୀ ମହିଳା କଳ୍ପନା ପଟ୍ଟନାୟକଙ୍କ କୋଳମଣ୍ଡନ କରି କଟକ ଜିଲ୍ଲା କଟକ ସଦର ବ୍ଲକ କନ୍ଦରପୁର ପଞ୍ଚାୟତ ଉପକଣ୍ଠ କେଶପୁର ଗ୍ରାମରେ ୧୯୯୧ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ଜେଜେ ଭଞ୍ଜ ସାହିତ୍ୟ ଗବେଷକ ସ୍ୱର୍ଗତ ବାହୁଲ୍ଭ ଚରଣ ପଟ୍ଟନାୟକ, ଜେଜେମା ଆଦର୍ଶ ନାରୀ ପ୍ରତିଭା ସ୍ୱର୍ଗତା ହାରାମଣି ଦେବୀ ଏହି ଧର୍ମପ୍ରାଣ ଦମ୍ପତି ସେହି ଅଞ୍ଚଳର ଖୁବ୍ ଜଣାଶୁଣା ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ। ସେ ଜଣେ ମେଧାବୀ ଛାତ୍ର ଭାବେ ଗୋପାଳ ସ୍ମୃତି ବିଦ୍ୟାପୀଠ ସିଦ୍ଧେଶ୍ୱରପୁରରୁ ମାଟ୍ରିକ, କନ୍ଦରପୁର ମହାବିଦ୍ୟାଳୟରୁ ବାଣିଜ୍ୟ ବିଭାଗରେ ଯୁକ୍ତ ଦୁଇ ଓ ତିନି ପାଠ୍ୟକ୍ରମ ଶେଷ କରିଛନ୍ତି। ଅଧୁନା ସେ ଏରିଆ ମ୍ୟାନିଜର ଭାବେ ପ୍ରତିଷ୍ଠିତ ଘରୋଇ ଫାର୍ମା କମ୍ପାନୀରେ କାର୍ଯ୍ୟରତ ଓ ଏହି ଦିଗରେ ନିଜର ଗବେଷଣା ଜାରି ରଖି ଖୁବ୍ ସଫଳତା ଅର୍ଜନ କରିବା ସହ ନିଜର ଜ୍ଞାନ ଭଣ୍ଡାରକୁ ଆହୁରି ବ୍ୟାପକ କରି ପାରିଛନ୍ତି। ସ୍ୱାସ୍ଥ୍ୟ ସଚେତନତା, ସ୍ୱାସ୍ଥ୍ୟ ସେବା, ନିରାମୟ ଉପରେ ସେ ଅନେକ ସମୟରେ ସାଧାରଣ ଜନତାଙ୍କୁ ଜନସଚେତନତା କରାଇଥାନ୍ତି। ସୃଜନଶୀଳ ଲିଖନ, ପରିବେଶ ସୁରକ୍ଷା, ସେବା, କଳା ସାହିତ୍ୟ ପ୍ରତି ତାଙ୍କର ଅନୁରାଗ ରହିଛି। ନିଜର ଅନନ୍ୟ ସାଧନା ଓ ସଫଳ କୃତିର ସ୍ୱୀକୃତି ସ୍ୱରୂପ ସେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଯୁବ ପ୍ରତିଭା ସମ୍ମାନ ଲାଭ କରିଛନ୍ତି। ଜଣେ ଯୁବ ସମାଜସେବୀ ଭାବେ ଅନେକ ସେବା କାର୍ଯ୍ୟରେ ସେ ସମୟ ଦିଅନ୍ତି ଏଥିସହ ସାଙ୍ଗସାଥୀ ମାନଙ୍କୁ ନେଇ ବହୁ ଗଠନମୂଳକ କାର୍ଯ୍ୟ କରୁଛନ୍ତି। ଚାରା ବଣ୍ଟନ ଓ ରୋପଣ, ରକ୍ତଦାନ ଶିବିର ଆୟୋଜନ ସହ ରକ୍ତଦାନ କରିବା ଆଦି ଅନେକ ଗଠନ ମୂଳକ କାର୍ଯ୍ୟରେ ସେ ଖୁବ୍ ରୁଚି ରଖିଛନ୍ତି। ମହାମାରୀ କରୋନା ସମୟରେ ସେ ଅନେକ ସେବାକାର୍ଯ୍ୟ କରିଛନ୍ତି। ସେ ପିତା ବିଶିଷ୍ଟ ସମାଜସେବୀ, ସାରସ୍ୱତ ସାଧକ, କଳାକାର ଆଶୋକ କୁମାର ପଟ୍ଟନାୟକଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ନିଜ ଅଞ୍ଚଳରେ ଗଢି ଉଠିଥିବା ସାଂସ୍କୃତିକ ତଥା ସାମାଜିକ ସଂଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର ସହ ସାମିଲ ହୋଇ ଗ୍ରାମାଞ୍ଚଳ ଶିଶୁ ପ୍ରତିଭାଙ୍କ ବିକାଶ, କଳାର ପ୍ରଚାର ପ୍ରସାର ଆଦି ଖୁବ୍ ଜନହିତକର କାର୍ଯ୍ୟରେ ଯଥୋଚିତ ସହଯୋଗ ପ୍ରଦାନ କରିଥାନ୍ତି। ତାଙ୍କ କନିଷ୍ଠ ଭ୍ରାତା ଜନପ୍ରିୟ କଣ୍ଠଶିଳ୍ପୀ ଇଂ.ଅମୀୟ ରଞ୍ଜନ ପଟ୍ଟନାୟକ ମଧ୍ୟ ଜ୍ୟେଷ୍ଠ ଭ୍ରାତାଙ୍କ ସହ ମିଶି ଅନେକ ମହତ୍ କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ଏହି ଯୁବ ପ୍ରତିଭାଙ୍କ ମହତ୍ ଚିନ୍ତା ଚେତନା ଆଜିର ଯୁବ ସମାଜ ପାଇଁ ପ୍ରେରଣା ଯୋଗାଉ ଏତିକି ପ୍ରାର୍ଥନା।

## ଏହି ସପ୍ତାହ, ସେହି ବର୍ଷ (ଏପ୍ରିଲ୍ ୨୦-୨୭)

### ଏଇ ସପ୍ତାହ

ଏପ୍ରିଲ୍ ୨୦, ୧୯୬୦-ଏୟାର୍ ଇଣ୍ଡିଆରେ ପ୍ରଥମ ଜେଟ୍ ବିମାନ ବୋଇଂ-୭୦୭ ସାମିଲ ହୋଇଥିଲା।





ଏପ୍ରିଲ୍ ୨୧, ୧୭୮୨-ବ୍ୟାଙ୍କକ୍ ସହରର ସ୍ଥାପନା ହୋଇଥିଲା।




ଏପ୍ରିଲ୍ ୨୨, ୧୯୭୦- ଦୁନିଆରେ ପ୍ରଥମ ଥର ପୃଥିବୀ ଦିବସର ପାଳନ କରାଯାଇଥିଲା।





ଏପ୍ରିଲ ୨୩, ୧୯୮୪- ବୈଜ୍ଞାନିକମାନେ ଏଡ୍ସ ଭାଇରସ୍ ସମ୍ପର୍କରେ ସନ୍ଧାନ ପାଇଥିଲେ।




ଏପ୍ରିଲ ୨୪, ୨୦୦୨- ଆର୍ଜେଣ୍ଟିନା ଅନିଶ୍ଚିତ କାଳ ପର୍ଯ୍ୟନ୍ତ ବ୍ୟାଙ୍କଗୁଡ଼ିକୁ ବନ୍ଦ କରିଦେଇଥିଲା।



ଏପ୍ରିଲ ୨୫, ୧୯୮୨-ଦିଲ୍ଲୀରେ ଟେଲିଭିଜନରେ ପ୍ରଥମ ଥର ରଙ୍ଗିନ ପ୍ରସାରଣର ଆରମ୍ଭ ହୋଇଥିଲା।



ଏପ୍ରିଲ୍ ୨୬, ୧୯୭୫- ସିକ୍କିମ୍ ଦେଶର ୨୨ତମ ରାଜ୍ୟର ମାନ୍ୟତା ପାଇଥିଲା।





# ଥାନାରେ ମହିଳାଙ୍କ ଅଭିଯୋଗ ଓ ନିର୍ଯାତନା

ଆପଣ ଅନେକ ସମୟରେ ଗଣମାଧ୍ୟମରେ ପ୍ରାୟତଃ ଦୁଇଟି ଶୀର୍ଷକ ପଢ଼ିବାକୁ ପାଉଥିବେ ‘ଖାକି ପୋଷାକରେ ଦାଗ’ କିମ୍ବା ‘ରକ୍ଷକ ଯଦି ଭକ୍ଷକ ହୁଏ’। ଏହି ଶୀର୍ଷକ ଯେ କେହି ପାଠକ ପଢ଼ିବା ମାତ୍ରେ ମନ ଭିତରେ ପୋଲିସ ପ୍ରତି ନକାରାତ୍ମକ ଛବିଟିଏ ଆଙ୍କି ହୋଇଯାଏ। ଥାନାରେ ମହିଳାଙ୍କୁ ନିର୍ଯାତନା ଖବର ପୋଲିସର ଭାବମୂର୍ତ୍ତିକୁ ଆହୁରି ମଳିନ କରିଦିଏ। ଖାକି ପୋଷାକରେ ଏ ଦାଗକୁ ଆହୁରି ଗାଢ଼ କରିଦିଅନ୍ତି କିଛି ଅସାଧୁ ପୋଲିସ। ଗତ ବର୍ଷ ଭୁବନେଶ୍ୱରର ଭରତପୁର ଥାନାରେ ଯେଉଁ ଅଘଟଣଟି ଘଟିଥିଲା ତାହା ପୁରା ଦେଶକୁ ଏକ ପ୍ରକାର ହଲଚଲ କରିଦେଇଥିଲା। ପରବର୍ତ୍ତୀ ସମୟରେ ସରକାର ବିଚାର ବିଭାଗୀୟ ତଦନ୍ତ ଘୋଷଣା କରିଥିଲେ ଓ ଏହାର ରିପୋର୍ଟ ମଧ୍ୟ ନିକଟରେ ସରକାର ପାଇଛନ୍ତି। ଏଠାରେ ଆମେ କିଛି ପ୍ରସଙ୍ଗ ଉଲ୍ଲେଖ କରୁଛୁ। ଗତ ବର୍ଷ ସେପ୍ଟେମ୍ବର ୧୪ ତାରିଖରେ ଏହି ଘଟଣାଟି ଘଟିଥିଲା। ସେହିପରି ଗତ ବର୍ଷ ଅଗଷ୍ଟ ୨୩ ତାରିଖରେ ଖଣ୍ଡଗିରି ଥାନାରେ ଲକ୍ଷ୍ମୀ ଡାକୁଆ ନାମକ ଜଣେ ଅଭିଯୋଗକାରୀ ମହିଳାଙ୍କୁ ଜନୈକ ସବ୍‌ଇନସପେକ୍ଟର ପାୟଲ ପ୍ରଧାନ ବିନା କାରଣରେ କଦର୍ଯ୍ୟ ଭାଷାରେ ଗାଳି ମନ୍ଦ କରିବା ସହ କୋଠରୀରେ ପୂରାଇ ନିର୍ଘୁମ ମାଡ଼ ମାରିଥିବା ସମ୍ପର୍କରେ ଅଭିଯୋଗ ହେବାପରେ ସଂପୃକ୍ତ ଏସଆଇ ନିଲମ୍ବିତ ହୋଇଥିଲେ। ସେହିପରି ୨୦୧୮ରେ ରାଜଧାନୀର ନୂଆପଲ୍ଲୀ ଥାନାରେ ଦୁଇ ଦଳିତ ଯୁବତୀ ଗାୟତ୍ରୀ ଓ ଇତିଶ୍ରୀ ଥାନାରେ ନିର୍ଯାତନା ପାଇ ଜେଲ ଯାଇଥିଲେ ଓ ପରବର୍ତ୍ତୀ ସମୟରେ ତାଙ୍କ ହାଜତ ବର୍ବରତା ଘଟଣା ଚହଳ ସୃଷ୍ଟି କରିଥିଲା। ତତ୍କାଳୀନ କମିସନର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଓ ସଂପୃକ୍ତ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କୁ ଦାୟିତ୍ୱରୁ ଅପସରଣ କରାଯାଇଥିଲା। ସେହିପରି କଟକ ବଜ୍ରକବାଟି ପ୍ରଫେସରପଡ଼ା ଅଞ୍ଚଳର ୮୨ ବର୍ଷୀୟା ନିରୂପମା ଦାସ ଏକ ମାମଲା ନେଇ ବାଦାମବାଡ଼ି ଥାନାକୁ ଯାଇ ମାନସିକ ନିର୍ଯାତନା ପାଇବା ପରେ ହାଇକୋର୍ଟରେ ମାମଲା (ପିଏସ କେସ ନଂ.୨୦୮/୨୨ ଦାଏର କରିଥିଲେ)। ସେହିପରି ୨୦୨୩ ଅପ୍ରେଲ ୧୮ ତାରିଖରେ ତମାଣ୍ଡୋ ପୋଲିସ ୬୫ ବର୍ଷ ବୟସ୍କା ସୁଲୋଚନା ଭଦ୍ରଙ୍କୁ ତଦନ୍ତ ନାମରେ ନିସ୍ତୁକ ମାଡ଼ ମାରିଥିଲେ। ଏହାର ରେକର୍ଡ଼ିଂ ତାଙ୍କ ଅପ୍ରାପ୍ତ ବୟସ୍କା ନାତୁଣୀ ରେକର୍ଡ଼ିଂ କରୁଥିବାରୁ ସେ ମଧ୍ୟ ନିର୍ମମ ମାଡ଼ ଖାଇଥିଲେ। ତମାଣ୍ଡୋ ଥାନା ଏତଲା ନରଖିବାରୁ ହାଇକୋର୍ଟରେ ତମାଣ୍ଡେ ପୋଲିସ ବିରୁଦ୍ଧରେ ମାମଲା (ସିଆରଏଲଏମପି ୧୦୭୦/୨୦୨୩) ଦାଏର ହୋଇଥିଲା। ତେବେ ଡିସିପି ମାନ୍ୟବର ହାଇକୋର୍ଟଙ୍କୁ କୌଣସି ରିପୋର୍ଟ ନ ଦେବାରୁ ତାଙ୍କ ବିରୁଦ୍ଧରେ ଅଦାଲତ ଅବମାନନା ମାମଲା (ସିଓଏନଟିଆର ୪/୨୦୨୪) ରୁଜୁ ହୋଇଥିଲା। ସେହିପରି ଚୌଦ୍ୱାରର ଜନୈକ ଆଇନଜୀବୀ ପ୍ରତୀମା ଦାସଙ୍କର ରାସ୍ତାରେ କୌଣସି ଏକ ଘଟଣାକୁ ନେଇ ପୋଲିସ କର୍ମଚାରୀଙ୍କ ସହ ଯୁକ୍ତିତର୍କ ହୋଇଥିଲା ଏବଂ ପୋଲିସ ତାଙ୍କୁ ଚୌଦ୍ୱାର ଥାନାକୁ ନେଇ କେବଳ ଅମାନବୀୟ ନିର୍ଯାତନା କେବଳ ଦେଇ ନଥିଲେ ଅନେକ ମିଛ ମାମଲାରେ ଜେଲ ପଠାଇଥିଲେ। ୨୦୦୮ ଅଗଷ୍ଟ ୧୩ରୁ ୨୦୧୦ ନଭେମ୍ବର ୧୭ ପର୍ଯ୍ୟନ୍ତ ଜେଲରେ ରହିବା ପରେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ସେହିପରି ୨୦୨୩ ନଭେମ୍ବର ୧୮ରେ ରାଇରଙ୍ଗପୁରର ମାଲହ ମୁର୍ମୁ ମଧ୍ୟ ରାଇରଙ୍ଗପୁର ଟାଉନ ଥାନାର ତତ୍କାଳୀନ ଅଧିକାରୀ ରୋଜାଲିନ ବେହେରାଙ୍କ ନାମରେ ଶାରୀରିକ ନିର୍ଯାତନା ଅଭିଯୋଗ ଆଣିଥିଲେ। ୨୦୧୭ ଜାନୁଆରୀ ୩୦ରେ ଜୟପୁର ଥାନା ପୋଲିସ ଜନୈକ ପରିଣତ ବୟସର ବୃଦ୍ଧା ପ୍ରବୀଣା ମୋହରିଆଙ୍କୁ ନିର୍ଯାତନା ଦେଇଥିବା ଖବର ଆଲୋଡ଼ନ ସୃଷ୍ଟି କରିଥିଲା। ତେବେ ତାଙ୍କ ଅଭିଯୋଗ ଥିଲା ବିନା କାରଣରେ ତାଙ୍କ ପୁଅ ଆକାଶର ମୁକ୍ତି ପାଇଁ ସେ ଅଦାଲତର ଦ୍ୱାରସ୍ଥ ହେବାରୁ ପୋଲିସ ନିର୍ଯାତନା ପାଇଥିଲେ। ତେବେ ସତକୁ ସତ ପୋଲିସ ହାଜତରେ ହିଁ ଆକାଶଙ୍କର ହିଁ ମୃତ୍ୟୁ ହୋଇଥିଲା। ଏହି ଘଟଣା ଅନେକ ଚର୍ଚ୍ଚା ସୃଷ୍ଟି କରିଥିଲା। ଭାରତୀୟ ଦଣ୍ଡବିଧି ସଂହିତାର ଧାରା ୩୦୨, ୩୨୩, ୩୪୨, ୩୨୫, ୫୦୫ ଓ ୩୪ (ତତ୍କାଳୀନ ସମୟର) ଅନୁଯାୟୀ ଜୟପୁର ଥାନାର ସେ ସମୟର ପଦାଧିକାରୀ ତପନ ନାରାୟଣ ରଥ, ଶିବ ପ୍ରସାଦ ସାହୁ, ରାଜେନ୍ଦ୍ର ବଳିଆର ସିଂହ ଓ ରାଜେନ୍ଦ୍ର ପ୍ରସାଦ ସେନାପତିଙ୍କ ନାମରେ ଅପରାଧିକ ମାମଲା ଦାଏର ହେଲା ଓ ସେମାନେ ଗିରଫ ହେଲେ। ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶରେ ପୋଲିସ ପ୍ରଶାସନ ୧୦ ଲକ୍ଷ ଟଙ୍କାର କ୍ଷତି ପୂରଣ ଦେଇଥିଲା।

ଉପରୋକ୍ତ ଘଟଣା ଗୁଡ଼ିକ ପରୋକ୍ଷ ଭାବେ ସୂଚୀତ କରୁଛି କି ଯେ କିଛି ଅଣପେଷାଦାର ଆଚରଣ ପୋଲିସଙ୍କ ବିପଜ୍ଜନକ ବ୍ୟବହାର ଓଡ଼ିଶା ପୋଲିସର ଭାବମୂର୍ତ୍ତିକୁ କଳଙ୍କିତ କରୁଛି। କେବଳ ସେତିକି ନୁହେଁ ଥାନାରେ ମହିଳା କର୍ମଚାରୀ ମଧ୍ୟ ସୁରକ୍ଷିତ ନୁହଁନ୍ତି। ଅନେକ ଉଦାହରଣ ରହିଛି। ୨୦୨୪ ମସିହାରେ ରାଉରକେଲାର ବନ୍ଧମୁଣ୍ଡା ଥାନାଧିକାରୀ ଜନୈକ ମହିଳା କର୍ମଚାରୀଙ୍କୁ ଅସଦାଚରଣ ପ୍ରସଙ୍ଗ ନେଇ ଅନେକ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ସଫେଇ ଦିଆଯାଏ ଯେ ଭିତ୍ତିଭୂମିର ଅଭାବ ଓ ଅନେକ ଚାପ ଭିତରେ ପୋଲିସ ରହୁଛି। ସବୁ ପୋଲିସ ଅଫିସର ମଧ୍ୟ ଯେ ଦୁର୍ନୀତି ଗ୍ରସ୍ତ ବା ସେମାନେ ନିଜ ବର୍ଦ୍ଦିରେ ଯେ କଳଙ୍କ ଲଗାନ୍ତି ତାହା ନୁହେଁ। ଏ ପ୍ରସଙ୍ଗରେ ବଡ଼କଥାଟି ହେଉଛି ମହିଳାମାନେ ନିଜ ଅଧିକାର ବିଷୟରେ ସଚେତନ ହେବା ଜରୁରୀ। ମହିଳାମାନେ ଆଇନ ବିଷୟରେ ବ୍ୟାପକ ଭାବେ ଜାଣିବା ସହ ଏବେ ନୂଆ ଦଣ୍ଡ ବିଧି ବ୍ୟବସ୍ଥା ଓ ଇ-ମେଲରେ ମଧ୍ୟ ଯେ କୌଣସି ଥାନାରେ ଅଭିଯୋଗ ଦିଆଯିବାର ସୁବିଧା ରହିଥିବାରୁ ମହିଳାମାନେ ଏହାର ସୁଯୋଗ ନେବା ଉଚିତ।

ସଂପ୍ରତି ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ପୀଡ଼ିତା ପୁଲିସ ନିର୍ଯାତନାର ଶିକାର ହେଉଥିବା ଘଟଣା ଦେଶର ବିଭିନ୍ନ ରାଜ୍ୟରୁ ଆସୁଛି। ଏହି ପରିପ୍ରେକ୍ଷୀରେ ମହିଳାମାନେ ଆଇନ ସେମାନଙ୍କୁ ଦେଉଥିବା ସୁରକ୍ଷା ଓ ଅଧିକାର ବାବଦରେ ଅବଗତ ହେବା ଜରୁରୀ।

**ଥାନାକୁ ଓକିଲଙ୍କ ସହ ଯାଆନ୍ତୁ :** ମହିଳା ଅଭିଯୋଗକାରୀଙ୍କର ମାଗଣା ଆଇନଗତ ସହାୟତା ଅଧିକାର ରହିଛି। ବୟାନ ରେକର୍ଡ ହେଉ କିମ୍ବା ଅଭିଯୋଗ ଦାଖଲ ହେଉ, ମହିଳାମାନେ ସାଥିରେ ଓକିଲଙ୍କୁ ନେଇ ଥାନାକୁ ଯିବା ଉଚିତ। ଏଫ୍‌ଆଇଆର୍ ଦାଏର କରିବାକୁ ଯାଉଥିଲେ ବି ସାଥିରେ ଓକିଲ ନେଇ ଯାଆନ୍ତୁ।

**ବିଳମ୍ବ ହେଉଥିଲେ ବି ପୁଲିସ ଏଫଆଇଆର କରିବ :** ଦୁଷ୍କର୍ମ କିମ୍ବା ଯୌନଉତ୍ପୀଡ଼ନ ହେବାର ବହୁ ଦିନ ବିତି ଯାଇଥିଲେ ବି ପୁଲିସ ଏତଲା ଦାଏର କରାଇବାକୁ ମନା କରିପାରିବ ନାହିଁ। ସୁପ୍ରିମ କୋର୍ଟଙ୍କ ରାୟ ଅନୁସାରେ ଘଟଣା ଘଟିବା ଏବଂ ରିପୋର୍ଟ କରାଯିବା ମଧ୍ୟରେ ଯଥେଷ୍ଟ ବ୍ୟବଧାନ ଥିଲେ ବି ପୁଲିସ ଏତଲା ଗ୍ରହଣକୁ ଅଗ୍ରାହ୍ୟ କରିପାରିବ ନାହିଁ।

**ସୂର୍ଯ୍ୟାସ୍ତ ପରେ ଗିରଫଦାରି ମନା :** ସୁପ୍ରିମ କୋର୍ଟଙ୍କ ରାୟ ଅନୁସାରେ ସୂର୍ଯ୍ୟାସ୍ତ ପରେ ଓ ସୂର୍ଯ୍ୟୋଦୟ ପୂର୍ବରୁ କୌଣସି ମହିଳାଙ୍କୁ ଗିରଫ କରାଯାଇ ପାରିବ ନାହିଁ। ଯଦି ମହିଳାଜଣକ ଧର୍ତ୍ତବ୍ୟ ଅପରାଧ କରିଥାନ୍ତି, ତାହେଲେ ରାତିରେ ତାଙ୍କୁ କାହିଁକି ଗିରଫ କରାଯିବା ପ୍ରୟୋଜନ ତାହା ଦର୍ଶାଇ ପୁଲିସକୁ ମାଜିଷ୍ଟ୍ରେଟଙ୍କ ପାଖରୁ ଲିଖିତ ଅନୁମତି ଆଣିବାକୁ ପଡ଼ିବ।

**ଇ-ମେଲ ଜରିଆରେ ଅଭିଯୋଗ :** ଦିଲ୍ଲୀ ପୁଲିସ ଜାରି କରିଥିବା ଗାଇଡ୍‌ଲାଇନ୍ ଅନୁସାରେ, ଜଣେ ମହିଳା ଇ-ମେଲ ଅଥବା ରେଜିଷ୍ଟ୍ରି ଡାକରେ ଡେପୁଟି କମିସନର କିମ୍ବା ପୁଲିସ କମିସନର ପାହ୍ୟାର ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ପଠାଇ ପାରିବେ। ତାପରେ ସମ୍ପୃକ୍ତ ଅଧିକାରୀ ଘଟଣା ଘଟିଥିବା ଅଞ୍ଚଳର ଥାନା ଅଧିକାରୀଙ୍କୁ ଏଫ୍‌ଆଇଆର୍ ଦାଏର ଲାଗି ନିର୍ଦ୍ଦେଶ ଦେଇ ପାରିବେ।

**ଜିରୋ ଏଫ୍‌ଆଇଆର୍‌ର ସୁବିଧା ନେଇପାରିବେ :** ବେଳେ ବେଳେ ଘଟଣା ଘଟିଥିବା ଅଞ୍ଚଳର ଥାନା ଅଧିକାରୀ ପୀଡ଼ିତାଙ୍କ ଅଭିଯୋଗ ଗ୍ରହଣ କରିବାକୁ ଅଗ୍ରାହ୍ୟ କରନ୍ତି ଓ ତାଙ୍କୁ ଅନ୍ୟ ଥାନାକୁ ପଠାଇବା ଲାଗି ଉଦ୍ୟମ କରନ୍ତି। ଏଭଳି ପରିସ୍ଥିତିରେ ସୁପ୍ରିମକୋର୍ଟଙ୍କ ଜିରୋ ଏଫ୍‌ଆଇଆର୍ ରାୟ ଅନୁସାରେ ପୀଡ଼ିତା ସହରର ଯେ କୌଣସି ଥାନାରେ ଏତଲା କରିପାରିବେ।

**ଥାନାକୁ ଆସିବା ବାଧ୍ୟତାମୂଳକ ନୁହେଁ :** ପ୍ରଚଳିତ ଅପରାଧିକ ଆଇନ ଅନୁସାରେ ଜେରା ପାଇଁ ମହିଳା ମାନଙ୍କୁ ଥାନାକୁ ଆସିବାକୁ ବାଧ୍ୟ କରାଯାଇ ପାରିବ ନାହିଁ। ଏ ସଂକ୍ରାନ୍ତରେ ସୁପ୍ରିମ କୋର୍ଟଙ୍କ ଗାଇଡ୍‌ଲାଇନ୍ ବି ରହିଛି। ମହିଳା କନେଷ୍ଟବଳ, ପରିବାର ସଦସ୍ୟ ଓ ବନ୍ଧୁଙ୍କ ଉପସ୍ଥିତିରେ ପୁଲିସ ଜଣେ ମହିଳାଙ୍କୁ ତାଙ୍କ ବାସଭବନରେ ଜେରା କରିପାରିବେ।

ପୋଲିସର ଏକ ବଡ଼ ସ୍ଲୋଗାନଟି ହେଉଛି ‘ପୋଲିସ ଶତ୍ରୁ ନୁହେଁ ବନ୍ଧୁ’ ଏସବୁ କଥା ଅନେକ ପ୍ରଚାର ପ୍ରସାର ହେଉଥିଲେ ମଧ୍ୟ କିଛି ପୋଲିସଙ୍କ ଭାବମୂର୍ତ୍ତି ତମାମ ବ୍ୟବସ୍ଥାର ଚେହେରାକୁ ଖରାପ କରୁଛି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସହାୟତା ଓ ଅଭିଯୋଗ ପାଇଁ ଆସୁଥିବା ମହିଳା ମାନଙ୍କ ପ୍ରତି ଏପରି ନିଷ୍ଠୁର ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ। ମହିଳାଙ୍କ ସୁରକ୍ଷା ପାଇଁ ଆଇନ ଓ ଅଦାଲତ ଅନେକ ବିଧି ବ୍ୟବସ୍ଥା ରଖୁଛନ୍ତି। ତେବେ ଏବେ ବି ଅସୁବିଧାରେ ପଡ଼ିଲେ ପ୍ରାୟତଃ ମହିଳାମାନେ ଥାନାକୁ ଯିବାକୁ ଅନେକଥର ଚିନ୍ତା କରୁଛନ୍ତି। ପୋଲିସ ନିଜ ଆଚାରଣଗତ ଢ଼ଙ୍ଗରଙ୍ଗ ବଦଳାଇବା ସହ ସମସ୍ତଙ୍କର ପୋଲିସ ହୋଇପାରିଲେ ଥାନାରେ ନାରୀ ନିର୍ଯାତନା ପ୍ରସଙ୍ଗ ନେଇ ଭାବମୂର୍ତ୍ତି ହୁଏତ ଉଜ୍ଜ୍ୱଳ ହୋଇପାରନ୍ତା।

**ପୁଷ୍ପମିତ୍ର ମହାପାତ୍ର**
**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,**
**କଟକ, ସେକ୍ଟର-୬, ସିଡିଏ, କଟକ,**
**ଦୂରଭାଷ : ୯୪୩୭୨୨୫୬୮୯,**




# 'ଖାଦ୍ୟ ହିଁ ଔଷଧ'

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ମଣିଷର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ଯକୃତକୁ ବୁଝାଏ। ପ୍ରତିବର୍ଷ ୧୯ ଅପ୍ରେଲରେ ବିଶ୍ୱ ଯକୃତ ଦିବସ ପାଳିତ ହୋଇଥାଏ। ପ୍ରତି ବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ଫୁଡ୍ ଇଜ ମେଡିସିନ୍' (ଖାଦ୍ୟ ହିଁ ଔଷଧ)। ସମସ୍ତେ ଏହା ଭଲ ଭାବେ ଜାଣନ୍ତି ଏକ ସୁସ୍ଥ ଶରୀର ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ ମଣିଷ ଶରୀରର ଯକୃତ ବା ଲିଭର। ଶରୀର ଭିତରର ସବୁଠାରୁ ବଡ଼ ଗ୍ରନ୍ଥୀ ବୁଝାଉଥିବା ପେଟ ଭିତରର ଏହି ସମ୍ବେଦନଶୀଳ କ୍ଷେତ୍ରର ଉପାଦେୟ ଭୂମିକା ହେଉଛି ଏହା ପାଚନ ବା ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ସଂପ୍ରତି ଅସ୍ତବ୍ୟସ୍ତ ଜୀବନ, ଉଦ୍‌ବେଗଜନକ ଭାବେ ନିଶାଦ୍ରବ୍ୟ ସେବନ, ବିଶ୍ରାମର ଅଭାବ ଓ ଖାଦ୍ୟପେୟର ଅସଠିକତା ଏହି ସମ୍ବେଦନଶୀଳ କ୍ଷେତ୍ରକୁ ପ୍ରଭାବିତ କରି ଏହା ମୃତ୍ୟୁର ଦିଗକୁ ଟାଣିନେଇଥାଏ। ଏହି ଯକୃତର ଲମ୍ବା ୨୦ସେ.ମି., ଓସାର ୧୬ ସେ.ମି. ଓ ଉଚ୍ଚତା ପ୍ରାୟ ୧୨ ସେ.ମି., ଓଜନ ପ୍ରାୟ ଦେଢ଼ରୁ ଦୁଇ କି.ଗ୍ରା। କଲିଜା ହେଉଛି ଶରୀରର ଏକ ରାସାୟନିକ ବିଜ୍ଞାନାଗାର। ଏକ ସମୟରେ ଏହା ବହୁତ ପ୍ରକାରର ରାସାୟନିକ କାର୍ଯ୍ୟ କରିଥାଏ। ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ (ଲୋହିତ ରକ୍ତ କଣିକା ମଧ୍ୟରେ ଥିବା ଲୌହ ଓ ପୁଷ୍ଟିସାର ଅଂଶ) ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ ହେବା ପାଇଁ ଉପାଦାନ ସୃଷ୍ଟି କରିଥାଏ। ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନର ଆବଶ୍ୟକତା ରହିଛି ଯଥା ପ୍ରୋଥ୍ରୋମ୍ବିନ ଓ ଫିବ୍ରିନୋଜେନ୍ ତାହା ଯକୃତରେ ହିଁ ତିଆରି ହୁଏ। ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ। ରକ୍ତରେ ଗ୍ଲୁକୋଜର ପରିମାଣ ଅଧିକ






ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ। ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ।

ଯକୃତ ବା କଲିଜାରେ ତନ୍ତୁ ଜମିଗଲେ ବା ପ୍ରଦାହ ବା କ୍ଷତ ପରେ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇ ଦିଏ। ଅତ୍ୟଧିକ ମଦ୍ୟପାନ, ଚର୍ବି ଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ। ଏହି ସୂତ୍ରତନ୍ତୁମୟତାକୁ ମାପିବା ପାଇଁ ଲିଭରରୁ ଜୀବନ୍ତତନ୍ତୁ ନେଇ ପରୀକ୍ଷା କରାଯାଏ। ଏକ ଛୁଞ୍ଚି ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ। କିନ୍ତୁ ଏହା ଏକ କଷ୍ଟକର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ମାଧ୍ୟମରେ ରୋଗୀ ଅଧିକ କଷ୍ଟପାଏ। ତେଣୁ ଲିଭରକୁ କ୍ଷତି ନକରି ବା କୌଣସି ପ୍ରକାର ଛୁଞ୍ଚି ଦ୍ୱାରା ଜୀବନ୍ତ ତନ୍ତୁ ନ ନେଇ ଫାଇବ୍ରୋସ୍କାନ ମାଧ୍ୟମରେ ଏହି ସୂତ୍ରତନ୍ତୁମୟତାକୁ ମାପିହେବ। ଏହା ଏକ ଅତ୍ୟଧିକ ସୂକ୍ଷ୍ମମାନର ଯନ୍ତ୍ର। ଅଲଟ୍ରାସାଉଣ୍ଡର ଶଳାକା (ପ୍ରୋବ୍) ପରି ଏହାର ମଧ୍ୟ ଏକ ଶଳାକା ଥାଏ ଯାହାକି ଡାହାଣ ଛାତିର ନିମ୍ନଭାଗରେ ରଖି ବୋତାମ ଚିପିଲେ କଲିଜାର କଠିନତା ସମ୍ବନ୍ଧରେ ମାପିହୁଏ। କମ୍ପ୍ୟୁଟର ମାଧ୍ୟମରେ ଏହି ତଥ୍ୟକୁ ପର୍ଯ୍ୟବେକ୍ଷଣ କଲାପରେ ପରଦାରେ ଏହାର ମାନ ଲିଖିତ ଆକାରରେ ଦେଖାଯାଏ। ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ। ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ। ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା ଜରୁରୀ। ଅତ୍ୟଧିକ ମୋଟା ବ୍ୟକ୍ତି, ଯେଉଁମାନଙ୍କ ପେଟରେ ପାଣି ଜମିଯାଇଛି, ବୟସ୍କ ବ୍ୟକ୍ତିମାନଙ୍କର ଫାଇବ୍ରୋସ୍କାନ୍ ଠିକ୍ ଭାବରେ କରିହୁଏ ନାହିଁ। ଯେଉଁମାନଙ୍କର ହୃତ୍‌ପିଣ୍ଡରେ ପେସ୍‌ମେକର ବା ଗତିଚାଳକ ଲାଗିଛି। ଗର୍ଭବତୀ ମହିଳାମାନଙ୍କର ଫାଇବ୍ରୋସ୍କାନିଂ ପରୀକ୍ଷା ନିଷେଧ। ଏହି ଫାଇବ୍ରୋସ୍କାନିଂ ମାଧ୍ୟମରେ ଯକୃତର ତନ୍ତୁମୟତା ବା ଜଟିଳତା ଜଣା ପଡ଼ିଲେ ରୋଗୀ ସହଜରେ ସଚେତନ ହୁଏ। ତନ୍ତୁମୟତା ଯେତେ ବେଶୀ ହୁଏ ଲିଭରର କର୍ମ କ୍ଷମତା ମଧ୍ୟ ସେତେ ପରିମାଣରେ ବ୍ୟାହତ ହୁଏ ଓ ଧୀରେ ଧୀରେ ଏହା ସିରୋସିସ୍ ରୋଗରେ ଆକ୍ରାନ୍ତ ହୁଏ। ଜନସାଧାରଣଙ୍କର ସଚେତନତା ବୃଦ୍ଧି ହେଲେ ସେମାନେ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟରୁ ବିରତ ଓ ହେପାଟାଇଟିସ୍ ସଂକ୍ରମଣ ସମ୍ବନ୍ଧର ଚିକିତ୍ସା କରିବାକୁ ଆଗେଇ ଆସନ୍ତି। ସହଜ ପାଚ୍ୟ ନିରାମିଷ ଖାଦ୍ୟ ଓ କିଛି ସମୟ ବ୍ୟାୟାମ ମାଧ୍ୟମରେ ଲିଭରର ସ୍ୱାସ୍ଥ୍ୟ ମଧ୍ୟ ରକ୍ଷା କରିହେବ।

**ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**





ଅପେରା ଆଇଟମ୍
ଶ୍ରୀଗୋବିନ୍ଦ

# ମୁହାଁମୁହିଁ ମାଲିକ-କଳାକାର

ଯାତ୍ରାର କଥାକୁ ନେଇ ଏବେ ଚର୍ଚ୍ଚା। ମାଲିକ ଓ କଳାକାର ପୁଣିଥରେ ମୁହାଁମୁହିଁ ହେବା ଦେଖିବାକୁ ମିଳିଛି। ପରସ୍ପର ପ୍ରତି ଦୋଷ ଲଦାଲଦି ହେବା ବିଭିନ୍ନ ଗଣମାଧ୍ୟମରେ ଦେଖିବାକୁ ମିଳିଛି। କଳାକାର ଓ ମାଲିକଙ୍କ ଏକତା ନରହିଲେ, ଯାତ୍ରା ସମ୍ଭବ ନୁହେଁ। ଏକଥା ଉଭୟ ପକ୍ଷ ବୁଝିଥିଲେ ବି କଥା ଏତେବାଟକୁ ଚାଲିଯାଇଛି, ବାଧ୍ୟ ହୋଇ କଳାକାର ଓ ମାଲିକମାନେ କଥା କଟାକଟି ସହିତ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳିଛି। କିଏ କହୁଛି ମାଲିକ ନଥିଲେ କଳାକାରଙ୍କର ଅସ୍ତିତ୍ୱ ନାହିଁ ତ ଆଉ କେହି କହୁଛି କଳାକାର ନଥିଲେ ମାଲିକ ହେବା ସମ୍ଭବ ନୁହେଁ। ଅବଶ୍ୟ ଉଭୟଙ୍କ କଥା ମାନିବାକୁ ପଡ଼ିବ। କଳାକାର ଓ ପ୍ରଯୋଜକ ଉଭୟଙ୍କୁ ନେଇ ପରିପୂରକ ଭାବରେ ଯାତ୍ରା ପାର୍ଟି ଗଢ଼ି ଉଠିଛି। କେହି କାହାକୁ ଚ୍ୟାଲେଞ୍ଜ କରିବା ପୂର୍ବରୁ ଭାବିବା ଦରକାର, ଉଭୟଙ୍କ ବିନା ସହଯୋଗରେ ଏକା କେହି ଯାତ୍ରାନୁଷ୍ଠାନକୁ ସମ୍ଭାଳି ପାରିବେ ନାହିଁ।


## ପ୍ରକୃତ ମାଲିକ କିଏ ?

ଯାତ୍ରା ପାର୍ଟିରେ ମାଲିକମାନେ ବାହୁବଳୀ ହେବା କିଛି ବଡ଼ କଥା ନୁହେଁ। କାରଣ ଅର୍ଥ ଥିବା କାରଣରୁ ସେମାନେ ମାଲିକ ହୋଇପାରିଲେ। ଅନ୍ୟ କମ୍ପାନୀର ମାଲିକ ହେବା ଓ ଓଡ଼ିଶାର କଳା ସଂସ୍କୃତିକୁ ନେଇ ମାଲିକ ହେବା ଭିତରେ ଫରକ ଅନେକ। ନିଜସ୍ୱ ସମ୍ପତ୍ତିରେ ମାଲିକ ହେଲେ ଯାହା କଲେ ବି କିଛି ପରବାୟ ନାହିଁ। ସେଇଠି ଓଡ଼ିଶା ଲୋକଙ୍କର କୌଣସି ଆପତ୍ତି ଅଭିଯୋଗ ନାହିଁ। କିନ୍ତୁ ଓଡ଼ିଶାର କଳା ସଂସ୍କୃତିର ବାର୍ତ୍ତାବହ ସାଜିଥିବା ଯାତ୍ରା ପାର୍ଟି ମାଲିକମାନେ ଭୁଲିଯିବା ଉଚିତ ନୁହେଁ ଯେ ସେମାନଙ୍କ ମାଲିକାନାର ଅଂଶୀଦାର(ମାନସିକ ଭାବେ)ଓଡ଼ିଶାର ଜନସାଧାରଣ। ସେ ଯେଉଁ ସମ୍ବଳ(କଳା ସଂସ୍କୃତିକୁ ପ୍ରସାର କରିବା)ଟିକକ ନେଇ ଧନରେ ହେଉ କି ମନରେ ହେଉ ବଡ଼ ହୋଇଛନ୍ତି, ତାହାର ହକଦାର ଓଡ଼ିଶାବାସୀ। କାରଣ ପୈତୃକ ସମ୍ପତ୍ତିର ଅଧିକାରୀ ହେବା ଓ ଓଡ଼ିଶାର କଳା ସଂସ୍କୃତିକୁ ନେଇ ବଡ଼ ହେବା ଭିନ୍ନ କଥା। ଯାହା ବିଭିନ୍ନ ଗଣମାଧ୍ୟମରେ ଦେଖାଯାଉଛି, ମାଲିକମାନେ ନିଜର ମତ ରଖିବାବେଳେ ଯେଉଁ ଆସ୍ପର୍ଦ୍ଧା ଦେଖାଉଛନ୍ତି, ତାହା ଆଦୌ ଗ୍ରହଣୀୟ ଯାତ୍ରା ଦର୍ଶକଙ୍କ ପାଇଁ ହେଉନାହିଁ। କାରଣ ଜଣେ ଘରର ମୁରବୀ ଭାବରେ ମାଲିକ କେବେ କଳାକାରଙ୍କୁ ନାଲି ଆଖି ଦେଖାଇବା କେତେ ସମୀଚୀନ ବୋଲି ଜଣେ ବୁଦ୍ଧିଜୀବୀ ମତ ରଖିଛନ୍ତି। କଳାକାରଟିଏ ନିଜର କଳାକୁ ନେଇ ବଞ୍ଚେ। କୌଣସି ଅର୍ଥ ବଳରେ କଳାକାରଟିଏ ତିଆରି କରାଯାଇପାରିବ ନାହିଁ, ଯଦି ତା'ପାଖରେ ଅନ୍ତର୍ନିହିତ କଳା ନଥାଏ। ଏଣୁ କଳାକାରଙ୍କୁ ଏ ସମାଜ ସବୁବେଳେ ସମ୍ମାନ ଦେଇଆସିଛି। ଯାହାର ବ୍ୟତିକ୍ରମ ଆଜି ଯାତ୍ରାରେ ଦେଖାଯାଇଛି। ନିଜର ପେଟପାଟଣା ପାଇଁ କଳାକାର ଅଭିନୟ କରୁଛି ମାନେ ନୁହେଁ ନିଜର ସ୍ୱାଭିମାନକୁ କେତେ ଟଙ୍କା ମାଧ୍ୟମରେ ବିକି ଦେଇଛି। ଏଣୁ ମାଲିକମାନେ ନିଜର ସଙ୍କୁଚିତ ଧାରଣାରୁ ଆସି ମହାନ ହୃଦୟ ନେଇ କଳାକାରଙ୍କୁ ଭଲ ପାଇବା ଶିଖନ୍ତୁ, ଓଡ଼ିଶା କଳାର ଉନ୍ନତି ହେବ ବୋଲି ଜଣେ ସଚେତନ ଦର୍ଶକ ମତ ରଖିଛନ୍ତି।



## ମୁଣ୍ଡ ବିକା ନହୁଅନ୍ତୁ କଳାକାର !

କେବଳ ମାଲିକମାନଙ୍କୁ ଦୋଷ ଦେଇ କଳାକାର ଖସିଯିବା ଉଚିତ ନୁହେଁ। ଯାତ୍ରାରେ କେତେକ ମୁଣ୍ଡବିକା କଳାକାର କୁଆଡ଼େ ମାଲିକଙ୍କ ନାଲିଆଖିକୁ ଡ଼ରି ନିଜ ସ୍ୱାଭିମାନକୁ ଭୁଲିଯାଉଛନ୍ତି, ଯାହାକୁ ଜଣେ ଯାତ୍ରା ଦର୍ଶକ ଆମକୁ ମତ ଦେଇଛନ୍ତି। ସେହି ଦର୍ଶକଙ୍କୁ ଅନୁସାରେ ଅନେକ କଳାକାରଙ୍କର ଚାକିରି ଚାଲିଯିବ କିମ୍ବା ସେମାନେ ପାଉଥିବା ମୋଟା ଅଙ୍କର ଅର୍ଥରାଶି ମିଳିବ ନାହିଁ, ସେଥିପାଇଁ ସର୍ବଦା ଚୁପ୍ ରହିବା କିମ୍ବା ମାଲିକମାନଙ୍କ ସମର୍ଥନରେ ଯାଇ ଅଯୌକ୍ତିକ କଥା କହିବା ଜଣେ କଳାକାରଙ୍କ ପ୍ରତି ଆଦୌ ଶୋଭା ପାଏନାହିଁ। କଳାକାରଟିଏ ସ୍ୱାଭିମାନୀ ହେବା ଦରକାର। ନିଜର ସ୍ୱାର୍ଥ ପାଇଁ ସ୍ୱାଭିମାନକୁ ବଳି ପକାଇବା ଉଚିତ ନୁହେଁ। ଅନେକ କଳାକାର ଜଣେ ମାଲିକଠାରୁ ଅର୍ଥ ଆଣି ଚୁକ୍ତି କରିବା ପରେ ଅନ୍ୟଜଣଙ୍କ ଠାରୁ ଅଧିକ ପାଇବାର ପ୍ରତିଶ୍ରୁତି ପାଇ ସେଠାରେ ସମ୍ମତି ପ୍ରଦାନ କରିବା ଓ ଅଗ୍ରୀମ ଆଣିବାକୁ ନେଇ ଯେଉଁ ବିବାଦ ଦେଖାଦେଉଛି, ଏହା ଜଣେ କଳାକାରର ପୌରୁଷ ଉପରେ ପ୍ରଶ୍ନବାଚୀ ଉଠାଏ। କାରଣ ଜଣେ ସ୍ୱାଭିମାନୀ କଳାକାର ବୋଧେ ଏସବୁ କରିବାକୁ ଉଚିତ ମଣିବ ନାହିଁ। ଏଣୁ କଳାକାର ନିଜର ଦମ୍ଭ ଓ ପୁରୁଷକାରକୁ ନେଇ ଯେମିତି ଚାଲିବା ଉଚିତ, ମାଲିକମାନେ ମଧ୍ୟ ନିଜ ଭିତରେ ବୁଝାମଣା କରି କଳାକାରଙ୍କୁ ପ୍ରାପ୍ୟ ଦେବା ପୂର୍ବରୁ ନିଜ ନିଜ ଭିତର ଆଲୋଚନା କରି ଦେବା ଉଚିତ। ଫଳରେ ଯାତ୍ରାରେ ସନ୍ତୁଳନ ରକ୍ଷା ହୋଇପାରିବ। କଳାକାରମାନେ ଯେଉଁ ସଂଘ କରି ଏକ ମନରେ ନିଜର ହକ୍ ଦାବି ପାଇଁ ପ୍ରୟାସ କରୁଛନ୍ତି, ସମସ୍ତଙ୍କର ଏକତା ରହିବା ଆବଶ୍ୟକ। ଏକତା ନାହିଁ ବୋଲି ଆଜି କଳାକାରମାନେ ଏତେ ହିନସ୍ତା ହେଉଛନ୍ତି ବୋଲି ଜଣେ ଦର୍ଶକ ମତ ଦେଇଛନ୍ତି।



ବର୍ଷା

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com